ବର୍ଷ-୨୬, ସଂଖ୍ୟା-୩୦୬
ଭୁବନେଶ୍ୱର
ନଭେମ୍ବର, ୧୬, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 306
Bhubaneswar
November, 16, 2026, Monday
Page-08, Rs.: 2.00

ମହାଭାରତ
Mahabharat

RNI Regd. No.: ODIODI2000/03863
Website : www.mahabharataepaper.com

ପାଞ୍ଚ ବର୍ଷରେ ଆର୍ଥିକ ସ୍ୱାବଲମ୍ବୀ ହେବେ ୮ ଲକ୍ଷ ଜନଜାତି ପରିବାର



ମାଲକାନଗିରିକୁ ୧୬୧ କୋଟିର ପ୍ରକଳ୍ପ ଭେଟି

୨୮ଟି ଛାତ୍ରାବାସ ଲୋକାର୍ପିତ, ୧୦୬ କୋଟିର ୩୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଜନଜାତି ବର୍ଗଙ୍କ ସଶକ୍ତିକରଣ ବିନା ସମୃଦ୍ଧ ଓଡ଼ିଶା ଅସମ୍ଭବ: ମୁଖ୍ୟମନ୍ତ୍ରୀ

ମାଲକାନଗିରି, ୧୫/୧୧(ମହାଭାରତ): ମହାନ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ତଥା ଜାତୀୟ ଜନଜାତୀୟ ଗୌରବ ଦିବସ ଅବସରରେ ମାଲକାନଗିରି ସହରର ଡିଏନକେ ଖେଳ ପଡ଼ିଆ ଶନିବାର ଜନସମୁଦ୍ରରେ ପରିଣତ ହୋଇଥିଲା। ସକାଳୁ ସକାଳୁ ଜିଲ୍ଲାର କୋଣ ଅନୁକୋଣରୁ ହଜାର ହଜାର ଜନଜାତି ଭାଇଭଉଣୀ, ଛାତ୍ରଛାତ୍ରୀ, ମହିଳା, ବୁଢ଼ାବୁଢ଼ୀ ପାରମ୍ପରିକ ପୋଷାକ ପିନ୍ଧି, ଢୋଲ, ନିଶାନ, ମହୁରୀ ବଜାଇ ପଡ଼ିଆରେ ପହଞ୍ଚିଥିଲେ। ପୁରା ପଡ଼ିଆ ଲୋକଙ୍କ ଭିଡ଼ରେ ଖେଳ ପଡ଼ିଆ ନୁହେଁ, ଏକ ମହାମେଳା ଭଳି ଦିଶୁଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଜିଲ୍ଲାକୁ ୧୬୧ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଥିଲେ।ମୁଖ୍ୟମନ୍ତ୍ରୀ ପଡ଼ିଆରେ ପହଞ୍ଚିବା ମାତ୍ରେ ଲୋକଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇ ଉଠିଥିଲା। ସେ ମଞ୍ଚକୁ ଯିବା ପୂର୍ବରୁ ସାଧାରଣ ଲୋକଙ୍କ ପାଖକୁ ଯାଇ ହାତ ମିଶାଇଥିଲେ। ବୁଢ଼ା ମାଉସୀଙ୍କଠାରୁ ଆରମ୍ଭ କରି ଛୋଟ ପିଲାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହ ହସ ହସ ମୁହଁରେ କଥା ହୋଇଥିଲେ। ମୁଖ୍ୟମନ୍ତ୍ରୀ ଆସିକି ହାତ ମିଶେଇଲେ ବୋଲି ଲୋକେ ବହୁତ ଖୁସି ହୋଇଥିଲେ। ଅନେକ ଲୋକ କହିଥିଲେ, ଆମେ ଟିଭିରେ ଦେଖୁଥିବା ମୁଖ୍ୟମନ୍ତ୍ରୀଙ୍କୁ ଆଜି ପାଖରୁ ଦେଖିଲୁ, ହାତ ମିଶାଇଲୁ, ଏହା ଆମ ପାଇଁ ବଡ଼ ଗର୍ବର କଥା। କିଛି ଲୋକ ନିଜ ମୋବାଇଲରେ ଫଟୋ ଉଠାଇଥିଲେ, କିଛି ଲୋକ ହାତ ଯୋଡ଼ି ନମସ୍କାର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ସରଳତା ସମସ୍ତଙ୍କ ମନ ଜିଣି ନେଇଥିଲା।

ଏହି ଭିଡ଼ ଭିତରେ ଏକ ହୃଦୟସ୍ପର୍ଶୀ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ପଡ଼ିଆ ଅଞ୍ଚଳର ନୂଆ ସନ୍ତୋଷ କୁମାର ଦୀର୍ଘ ଦିନ ହେବ ଏକ ସଡ଼କ ଦୁର୍ଘଟଣା ରୁ ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି। ଚିକିତ୍ସା ପାଇଁ ଅର୍ଥ ଅଭାବରୁ ସେ ଘରେ ପଡ଼ି ରହିଛନ୍ତି। ତାଙ୍କ ପରିବାର ଲୋକେ ତାଙ୍କୁ ନେଇ ଡିଏନକେ ପଡ଼ିଆକୁ ଆସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଗରେ ସେ ନିଜ ଦୁଃଖ କଥା କହିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ କଥା ଧୈର୍ଯ୍ୟର ସହ ଶୁଣିଥିଲେ। ସନ୍ତୋଷଙ୍କ ଦୁଃଖ ଶୁଣି ସେ ତୁରନ୍ତ ମଞ୍ଚରେ ଉପସ୍ଥିତ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ତାଙ୍କ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ମଧ୍ୟ ସେଠାରେ ସନ୍ତୋଷଙ୍କ ପରିବାରକୁ ଆଶ୍ୱାସନା ଦେଇ କହିଥିଲେ, ସରକାରୀ ସହାୟତାରେ ତାଙ୍କର ଚିକିତ୍ସା କରାଯିବ। ଏହା ଶୁଣି ସନ୍ତୋଷଙ୍କ ପରିବାର ଏବଂ ସେଠାରେ ଥିବା ଲୋକଙ୍କ ଆଖିରେ ଖୁସିର ଲୁହ ଆସିଯାଇଥିଲା। ଲୋକେ କହିଥିଲେ, ଏହା ହିଁ ସରକାରଙ୍କ ପ୍ରକୃତ ସେବା।


ଏହାପରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ, ଜନଜାତି ସମାଜର ସଶକ୍ତିକରଣ ବିନା ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଅସମ୍ଭବ। ବିର୍ସା ମୁଣ୍ଡାଙ୍କ ଅନ୍ୟାୟ ଓ ଶୋଷଣ ବିରୋଧରେ ସଂଗ୍ରାମ ଏବଂ ତାଙ୍କର ଐତିହାସିକ ଉଲଗୁଲାନ୍ ବିଦ୍ରୋହ ଆଜି ମଧ୍ୟ ଜନଜାତି ସମାଜକୁ ପ୍ରେରଣା ଯୋଗାଉଛି। ମାତ୍ର ୨୫ ବର୍ଷ ବୟସରେ ସେ ଜଳ, ଜଙ୍ଗଲ, ଜମି ରକ୍ଷା ପାଇଁ ଲଢ଼ିଥିଲେ। ତାଙ୍କ ଆଦର୍ଶକୁ ନେଇ ଆମେ ଆଗକୁ ଯିବା। ମାଲକାନଗିରି ଜିଲ୍ଲାର ଜନସଂଖ୍ୟାର ପ୍ରାୟ ୫୮ ପ୍ରତିଶତ ଜନଜାତି ହୋଇଥିବାରୁ ଜିଲ୍ଲାର ବିକାଶକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଠାରେ କୋୟା, ଦିଦାୟୀ, ବଣ୍ଡା, କନ୍ଧ, ଗଦବା ଭଳି ଅନେକ ଜନଜାତି ବାସ କରନ୍ତି। ଦିଦାୟୀ ଓ ବଣ୍ଡା ହେଉଛନ୍ତି ବିଶେଷ ଅନୁନ୍ନତ ଜନଜାତି। ସେମାନଙ୍କ ସଂସ୍କୃତି ଓଡ଼ିଶାର ଗର୍ବ। ଆଗାମୀ ଦିନରେ ୪,୨୦୦ କୋଟି ଟଙ୍କା ବିନିଯୋଗରେ ଦୁଇଟି ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ ବୋଲି ସେ ସୂଚନା ଦେଇଥିଲେ। ଏହାଦ୍ୱାରା ସ୍ଥାନୀୟ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯାଇ ନିଜ ମାଟିରେ କାମ ପାଇବେ।

ଏହି ଅବସରରେ ମାଲକାନଗିରି ଜିଲ୍ଲାକୁ ୧୬୧ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପ ଭେଟି ଦିଆଯାଇଥିଲା। ୫୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୮ଟି ଛାତ୍ରାବାସ ଲୋକାର୍ପିତ ହୋଇଥିବା ବେଳେ ୧୦୬ କୋଟି ଟଙ୍କାର ୩୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ବିଧାୟକ ନରସିଂହ ମାଡକାମୀ, ମଙ୍ଗୁ ଖିଲ, ଗଙ୍ଗାଧର ସୋଢ଼ୀ, ବିଭାଗୀୟ ସଚିବ ବି. ପରମେଶ୍ୱରନ ଓ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ପ୍ରମୁଖ ଉପସ୍ଥିତ ଥିଲେ।

୧୯ରେ ଅତି ଭୀଷଣ ବାତ୍ୟା ସମ୍ଭାବନା

ଭୁବନେଶ୍ୱର,୧୫।୧୧(ମହାଭାରତ): ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ଅତି ଭୀଷଣ ରୂପ ନେଇପାରେ। ସେହିପରି ଏହା ଆନ୍ଧ୍ର ଉପକୂଳ ମୁହାଁ ହେବାର ସମ୍ଭାବନା ରହିଥିବା ଆକଳନ କରାଯାଇଛି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଛି ଏହି ସୂଚନା।

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଗତକାଲି ସୃଷ୍ଟି ହୋଇଥିବା ସ୍ୱଷ୍ଟ ଚିହ୍ନିତ ଲଘୁଚାପ ଆଜି ଅବପାତରେ ପରିଣତ ହୋଇଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ଆହୁରି ଘନୀଭୂତ ହୋଇ ଆସନ୍ତାକାଲି ଦକ୍ଷିଣ ଓ ତତ୍?ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ପରେ ଏହା ଆହୁରି ଘନୀଭୂତ ହେବ ଓ ନଭେମ୍ବର ୧୭ ତାରିଖରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଭୀଷଣ ବାତ୍ୟାରେ ପରିଣତ ହୋଇପାରେ। ୧୯ ତାରିଖ ବେଳକୁ ଏହା ଅତି ଭୀଷଣ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ଏହା ସ୍ଥଳଭାଗ ଛୁଇଁଲା ବେଳେ ପବନର ବେଗ ଘଣ୍ଟା ପ୍ରତି ୧୨୦ରୁ ୧୩୦ କିମି ରହିବ। ଝଟକା ପବନର ବେଗ ଘଣ୍ଟାପ୍ରତି ୧୪୫ କିମି ଛୁଇଁପାରେ। ସମ୍ଭାବ୍ୟ ଅତି ଭୀଷଣ ବାତ୍ୟାଟି ଆନ୍ଧ୍ର ଉପକୂଳ ମୁହାଁ ହେବାର ସମ୍ଭାବନା ରହିଛି।



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତଟି ଗତ ୩ ଘଣ୍ଟାରେ ୧୦ କିମି ବେଗରେ ଆଗକୁ ବଢୁଛି। ଏବେ ଏହା ଗୋପାଳପୁରଠାରୁ ୧୧୩୦କିମି ଏବଂ ବିଶାଖାପଟନମ ଠାରୁ ୧୦୧୦ ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ କେନ୍ଦ୍ରୀଭୂତ ହୋଇଛି।

ଏହା ପ୍ରଭାବରେ ରାଜ୍ୟରେ ୧୮ ତାରିଖରୁ ବର୍ଷା ହେବାର ସମ୍ଭାବନା ରହିଛି। ୧୮ ତାରିଖ ସକାଳ ସାଢେ ୮ଟାରୁ ୧୯ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ଗଜପତି, ଗଞ୍ଜାମ ଓ ପୁରୀ ଜିଲ୍ଲାରେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୯ ତାରିଖରୁ ବର୍ଷା ପରିମାଣ ବଢ଼ିବ।

୧୯ ତାରିଖ ସକାଳ ସାଢେ ୮ଟାରୁ ୨୦ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ଗଜପତି, ଗଞ୍ଜାମ ଓ ପୁରୀ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।୨୦ ତାରିଖରେ ରାଜ୍ୟରେ ବର୍ଷାର ପରିମାଣ ଆହୁରି କିଛି ଜିଲ୍ଲାକୁ ବ୍ୟାପିବାର ସମ୍ଭାବନା ରହିଛି। ୨୦ ତାରିଖ ସକାଳ ସାଢେ ୮ଟାରୁ ୨୧ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୧ ତାରିଖ ସକାଳ ସାଢେ ୮ଟାରୁ ୨୨ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବଲାଙ୍ଗିର, ସୋନପୁର, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଆଜି ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ



ଭୁବନେଶ୍ୱର,୧୫।୧୧(ମହାଭାରତ): ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜଧାନୀ ଭୁବନେଶ୍ୱର ଓ କଟକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଉପରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ମୋଟ ୪୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏଥିସହ ବରିଷ୍ଠ ପୁଲିସ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥାର ସମସ୍ତ ଦିଗକୁ ଯାଞ୍ଚ କରାଯାଉଛି।

ସୋମବାର ସକାଳ ୯ଟା ୧୫ ମିନିଟ୍ ?ରେ ଉପରାଷ୍ଟ୍ରପତି ଶ୍ରୀ ରାଧାକୃଷ୍ଣନ ଭୁବନେଶ୍ୱରରେ ପହଞ୍ଚିବେ। ଏହାପରେ ସେ ବିଧାନସଭାରେ ଆୟୋଜିତ ବିଧାୟକମାନଙ୍କ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ତାଙ୍କର ଯୋଗଦାନକୁ ଦୃଷ୍ଟିରେ ରଖି ବିଧାନସଭା ପରିସର ଓ ଏହାର ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି। ସେହିପରି ଉପରାଷ୍ଟ୍ରପତି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଆଇକନିକ୍ ଟାୱାର ଉଦଘାଟନ କରିବେ। ଅନ୍ୟପକ୍ଷରେ ଗସ୍ତ ପୂର୍ବରୁ ଆରଓ ଗ୍ରାଉଣ୍ଡରେ ପୁଲିସ ଓ ସୁରକ୍ଷାକର୍ମୀଙ୍କ ପକ୍ଷରୁ ବ୍ରିଫିଂ ଏବଂ ରିହର୍ସାଲ୍ କରାଯାଇଛି।

ଜାତୀୟ ପ୍ରେସ୍ ଦିବସ
ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ସମସ୍ତ ସାମ୍ବାଦିକ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା।

ଲୋକମତ ସୃଷ୍ଟି, ସମାଜ ପରିବର୍ତ୍ତନ ଓ ଦେଶ ନିର୍ମାଣରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସଠିକ୍ ଓ ନିରପେକ୍ଷ ଖବର ପ୍ରସାରଣ ସହିତ ସମାଜରେ ମୂଲ୍ୟବୋଧ, ନୈତିକତା, ସଚ୍ଚତା ଓ ସତ୍ୟତାକୁ ଗୁରୁତ୍ୱ ଦେଇ ଗଣମାଧ୍ୟମ ଉତ୍ତମ ନାଗରିକ ସଂସ୍କୃତି ନିର୍ମାଣରେ ସହାୟକ ହୋଇଥାଏ। ସମାଜର ତୃଣମୂଳ ସ୍ତରରେ ଥିବା ଲୋକଟିର ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଗଣତନ୍ତ୍ରର ସୁରକ୍ଷା ଦିଗରେ ଗଣମାଧ୍ୟମର ପ୍ରୟାସ ପ୍ରଶଂସନୀୟ।

ଚଳିତ ବର୍ଷ ପ୍ରେସ୍ ଦିବସର ବିଷୟବସ୍ତୁ ହେଉଛି 'ସାମ୍ବାଦିକତା: ଲୋକପ୍ରିୟତା ବନାମ ଦାୟିତ୍ୱବୋଧ'। ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମ ସହ ସଂପୃକ୍ତ ବନ୍ଧୁମାନେ ସାମ୍ବାଦିକତାକୁ ଏକ ସାମାଜିକ ଓ ନୈତିକ ଦାୟିତ୍ୱ ଭାବେ ଗ୍ରହଣ କରି ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସେମାନଙ୍କର ବହୁମୂଲ୍ୟ ଅବଦାନ ରଖିବେ ବୋଲି ମୋର ଆଶା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0135 15001/136/2627

୧୫ ଦିନ ପରେ ନିଖୋଜ ଶିକ୍ଷକ ଉଦ୍ଧାର

ଜି.ଉଦୟଗିରି୧୫।୧୧(ମହାଭାରତ): ଦୀର୍ଘ ୧୫ ଦିନ ଧରି ନିଖୋଜ ଥିବା ଶିକ୍ଷକ ମୋହନ କୁମାର ମହାରଣା ଶେଷରେ ଉଦ୍ଧାର ହୋଇଛନ୍ତି । ଦୁର୍ଗମ ରତଙ୍ଗୀ ଜଙ୍ଗଲ ମଧ୍ୟରେ ପ୍ରାୟ ୮ କିଲୋମିଟର ପାଦରେ ଚାଲି ଉଦ୍ଧାର ଅଭିଯାନ ଚଳାଇଥିଲା ପୋଲିସ ଟିମ୍ । ମୋହନ କୁମାର ମହାରଣାଙ୍କୁ ତାଙ୍କ ପତ୍ନୀ ଓ ଭାଇଙ୍କ ଉପସ୍ଥିତିରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ଦୀର୍ଘ ୧୫ ଦିନ ପରେ ନିଖୋଜ ଶିକ୍ଷକଙ୍କୁ ସୁରକ୍ଷିତ ଫେରି ପାଇ ପରିବାରବର୍ଗ ଆଶ୍ୱସ୍ତି ପ୍ରକାଶ କରିଛନ୍ତି ।

ସୂଚନା ଅନୁଯାୟୀ, ରାଇକିଆ ଥାନା ଅନ୍ତର୍ଗତ ବାସନ୍ତପଲ୍ଲୀ ଗାଁର ମୋହନ କୁମାର ମହାରଣା ଇନ୍ଦ୍ରଗଡ଼ ପଞ୍ଚାୟତ ଅନ୍ତର୍ଗତ ଦୁବା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ଗତ ଅକ୍ଟୋବର ୩୦ ତାରିଖରୁ ସେ ନିଖୋଜ ହୋଇଯାଇଥିଲେ । ପ୍ରବଳ ବର୍ଷା ଯୋଗୁଁ ସେ ବିଦ୍ୟାଳୟରେ ରହିଥିବା ବେଳେ ସେଠାରେ ଥିବା ରୋଷେଇ ଘରଟି ଭାଙ୍ଗିଯାଇଥିଲା । ଯେଉଥି ପାଇଁ ସେ ନିକଟସ୍ଥ ରତଙ୍ଗୀ ପାହାଡ଼ ଉପରକୁ ଚାଲିଯାଇଥିଲେ । ଲଗାଣ ବର୍ଷା ଯୋଗୁଁ ଚାରିପଟେ ଜଳସ୍ତର ବୃଦ୍ଧି ପାଇଥିଲା । ଫଳରେ ସେ ପାହାଡ଼ ଉପରୁ ତଳକୁ ଓହ୍ଲାଇ ପାରି ନଥିଲେ । ଲଗାଣ ବର୍ଷାରେ ଭିଜିବା ଯୋଗୁଁ ତାଙ୍କୁ ଜ୍ୱର ହେବା ସହ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ବିଗିଡ଼ିବାକୁ ଲାଗିଥିଲା ।ଅନ୍ୟପଟେ ମୋହନଙ୍କ କୌଣସି ସନ୍ଧାନ ନମିଳିବାରୁ ପରିବାରବର୍ଗଙ୍କ ଚିନ୍ତା ବଢ଼ି ଚାଲିଥିଲା । ଏନେଇ ରାଇକିଆ ଥାନାରେ ନିଖୋଜ ମାମଲା ନଂ ୧୬/୨୬ ରୁଜୁ ହୋଇଥିଲା । ତେବେ ଶନିବାର ରତଙ୍ଗୀ ଅଞ୍ଚଳରେ ଗାଈ ଚରାଉଥିବା କିଛି ଲୋକ ପାହାଡ଼ ଉପରେ ମୋହନଙ୍କୁ ଅସୁସ୍ଥ ଅବସ୍ଥାରେ ଦେଖିବାକୁ ପାଇଥିଲେ । ଏନେଇ ସେମାନେ ତୁରନ୍ତ ରାଇକିଆ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଟିମ୍ ତୁରନ୍ତ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲା ।



ଗାଁ ଦଖଲ ପାଇଁ ବିଜେପିର ବଡ଼ ରଣନୀତି

ଭୁବନେଶ୍ୱର୧୫।୧୧(ମହାଭାରତ):: ୨୦୨୬ ପଞ୍ଚାୟତ ନିର୍ବାଚନକୁ ନେଇ ଏବେଠୁ ରାଜ୍ୟ ରାଜନୀତିରେ ହଲଚଲ । ଗାଁ ଗାଁରେ ସଂଗଠନ ମଜଭୁତ କରିବାକୁ ଅଣ୍ଟା ଭିଡ଼ିଲେଣି ସବୁ ରାଜନୈତିକ ଦଳ । ଶାସକ ଦଳ ବିଜେପିର ଫୋକସରେ ଯୁବ, ମହିଳା ଭୋଟର । ଦଳର ରାଜ୍ୟ ପ୍ରଭାରୀଙ୍କ ଦମ୍ଭୋକ୍ତି, ଆଗାମୀ ପଞ୍ଚାୟତ ନିର୍ବାଚନରେ ଦୁଇ-ତୃତୀୟାଂଶ ଆସନ ଦଖଲ କରିବ ବିଜେପି । ତେବେ ଏହି ଦାବିକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା। ବିଜେପିର ଏହି ରଣନୀତିକୁ କାଉଣ୍ଟର କରିବାକୁ ବିଜେଡି ଓ କଂଗ୍ରେସର ପ୍ରସ୍ତୁତି କ'ଣ ?

ବିଧାନସଭା ଓ ଲୋକସଭା ନିର୍ବାଚନ ପରେ ଏବେ ଗାଁ ଦଖଲ ଉପରେ ସବୁ ଦଳର ନଜର ।ଫପଞ୍ଚାୟତ ନିର୍ବାଚନ ହେଉଛି ତୃଣମୂଳ ସ୍ତରରେ ରାଜନୈତିକ ଶକ୍ତି ପ୍ରଦର୍ଶନର ବଡ଼ ମଞ୍ଚ । ତେଣୁ ନିର୍ବାଚନକୁ ଆଉ କିଛି ମାସ ବାକି ଥିବାବେଳେ ଏବେଠୁ ସଂଗଠନ ସଜାଡ଼ିବା ଆରମ୍ଭ କରିଛନ୍ତି ରାଜନୈତିକ ଦଳ । ତେବେ ବିଜେପି ପାଇଁ ଏହି ନିର୍ବାଚନ ଅଧିକ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟରେ ସରକାର ଗଠନ ପରେ ପ୍ରଥମ ଥର ପାଇଁ ପଞ୍ଚାୟତ ନିର୍ବାଚନର ସାମ୍ନା କରିବ ଦଳ । ଏଥିପାଇଁ ମୈଦାନକୁ ଓହ୍ଲାଇଛନ୍ତି ଦଳର ବରିଷ୍ଠ ନେତା । ବିଜେପି ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ସ୍ୱଦେଶ ସିଂହ ସଂଗଠନକୁ ନେଇ ଘନ ଘନ ବୈଠକ କରୁଛନ୍ତି । ଜିଲ୍ଲାଓ୍ୱାରୀ ଗସ୍ତ ସାଙ୍ଗକୁ ଜିଲ୍ଲାସ୍ତରରେ ଘନ ଘନ ବୈଠକ, ତୃଣମୂଳ ସ୍ତରରେ କର୍ମୀଙ୍କୁ ସକ୍ରିୟ କରିବା ଏବଂ ସଂଗଠନର ସମୀକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି ଉଭୟ ପ୍ରଭାରୀ ।ଆଉ ଏହାରି ଭିତରେ ବିଜେପି ରାଜ୍ୟ ପ୍ରଭାରୀ ଦମ୍ଭୋକ୍ତି, ଆଗାମୀ ପଞ୍ଚାୟତ ନିର୍ବାଚନରେ ଦୁଇ-ତୃତୀୟାଂଶ ଆସନ ଦଖଲ କରିବ ବିଜେପି । ୧୫ ଜିଲ୍ଲା ବୁଲି ବିଭିନ୍ନ ସାଂଗଠନି



ଜୀବନଚର୍ଯ୍ୟା



ଛତୁ ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ଛତୁ, ଲୁଣ, ମଇଦା, ଜୁଆଣି, ଘିଅ, ଗୋଲମରିଚ ଗୁଣ୍ଡ, କଟାପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡ଼ର, କଟା ଧନିଆ ପତ୍ର ଓ ତେଲ।।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣି ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ। ଏହା ପରେ ଅଳ୍ପ ଅଳ୍ପ ପାଣି ଢାଳି ଅଟାକୁ ଦଳନ୍ତୁ। ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡ଼ାରେ ଗୁଡ଼ାଇ କିଛି ସମୟ ରଖି ଦିଅନ୍ତୁ। ଏକ ତାୱା ଗରମ କରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ। ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କାଗୁଣ୍ଡ,ଚାଟ ମସଲା, ଆମଚୁର ପାଉଡ଼ର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢି ଥଣ୍ଡା କରନ୍ତୁ।

ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଳି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ। ଏହା ପରେ ଏଗୁଡ଼ିକୁ ରୁଟି ପରି ବେଲନ୍ତୁ ଏବଂ ଗମର ତାୱାରେ ପକାଇ ଭଲ ଭାବେ ସେକନ୍ତୁ। ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଛତୁ ପରଟା' । ଏହାକୁ ଚଟଣି,ସସ କିମ୍ବା ଦହି ସହିତ ଗରମ ଗରମ ଖାଆନ୍ତୁ।



ଖବର

ବିମାନବନ୍ଦରରେ ରାଜକୀୟ ଅନ୍ଦାଜରେ ନଜର ଆସିଲେ ତେଜସ୍ୱିନୀ



ଅନ୍ତର୍ଜାତୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି ତେଜସ୍ୱିନୀ ଶ୍ରୀବାସ୍ତବ। ମିସ୍ ଚାର୍ମ ୨୦୨୬ ପ୍ରତିଯୋଗିତାରେ ଭାରତ ପକ୍ଷରୁ ସାମିଲ ହେବାକୁ ସେ ଭିଏତନାମରେ ପହଞ୍ଚିଛନ୍ତି। ତେବେ ପ୍ରତିଯୋଗିତା ପୂର୍ବରୁ ତାଙ୍କର ଏକ ନିଆରା ଏୟାରପୋର୍ଟ ଲୁକ୍ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ପାଶ୍ଚାତ୍ୟ ପୋଷାକ ବଦଳରେ ପାରମ୍ପରିକ ଭାରତୀୟ ଶାଢ଼ି ପିନ୍ଧି ସେ ବିଦେଶ ମାଟିରେ ଦେଶର ସଂସ୍କୃତି ଓ ପରମ୍ପରାର ଝଲକ ଦେଖାଇଛନ୍ତି।ମହାରାଷ୍ଟ୍ରର ନାଗପୁରର ବାସିନ୍ଦା ତେଜସ୍ୱିନୀ ପୂର୍ବରୁ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬ ପ୍ରତିଯୋଗିତାରେ ମହାରାଷ୍ଟ୍ରକୁ ପ୍ରତିନିଧିତ୍ୱ କରିଥିଲେ। ଏହି ପ୍ରତିଯୋଗିତାରେ ସେ ତୃତୀୟ ରନର୍ସଅପ୍ ଟାଇଟଲ୍ ହାସଲ କରିଥିଲେ। ଏବେ ମିସ୍ ଚାର୍ମ ୨୦୨୬ ମଞ୍ଚରେ ଭାରତର ପ୍ରତିନିଧି ଭାବେ ନିଜର ପ୍ରତିଭା, ଆତ୍ମବିଶ୍ୱାସ ଓ ବ୍ୟକ୍ତିତ୍ୱର ପରିଚୟ ଦେବାକୁ ସେ ପ୍ରସ୍ତୁତ ହେଉଛନ୍ତି।ଭିଏତନାମ ବିମାନବନ୍ଦରରୁ ତେଜସ୍ୱିନୀ ନିଜର କିଛି ଫଟୋ ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି। ଏଥିରେ ସେ ଗୋଲାପୀ ରଙ୍ଗର ଆକର୍ଷଣୀୟ ଶାଢ଼ି ପିନ୍ଧିଥିବା ଦେଖିବାକୁ ମିଳିଛି। ତେଜସ୍ୱିନୀଙ୍କ ଏହି ଲୁକ୍‌ର ସବୁଠାରୁ ଆକର୍ଷଣୀୟ ଅଂଶ ହେଉଛି ତାଙ୍କ ମୁଣ୍ଡରେ ଥିବା ସୁନ୍ଦର ମୁକୁଟ। ତାଙ୍କର ଏହି ରାଜକୀୟ ଅନ୍ଦାଜ ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରିଛି।କେବଳ ପୋଷାକ ନୁହେଁ, ତେଜସ୍ୱିନୀଙ୍କ ହାତରେ ଥିବା ଭାରତୀୟ ଜାତୀୟ ପତାକା ମଧ୍ୟ ତାଙ୍କ ଫଟୋକୁ ସ୍ୱତନ୍ତ୍ର କରିଛି। ତାଙ୍କ ସୁଟକେସ୍‌ରେ ମଧ୍ୟ ମିସ୍ ଚାର୍ମ ଇଣ୍ଡିଆ ୨୦୨୬ର ପୋଷ୍ଟର ଲାଗିଥିବା ଦେଖାଯାଇଛି। ଭିଏତନାମରେ ପହଞ୍ଚିବା ପରେ ପ୍ରତିଯୋଗିତାକୁ ନେଇ ସେ ନିଜର ଉତ୍ସାହ ପ୍ରକାଶ କରିଛନ୍ତି। ଚଳିତବର୍ଷ ମିସ୍ ଚାର୍ମ ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲେ ଡିସେମ୍ବର ୫ରେ ଭିଏତନାମର ହୋ ଚି ମିନ୍ ସିଟିରେ ଅନୁଷ୍ଠିତ ହେବ। ଏବେ ଏହି ଅନ୍ତର୍ଜାତୀୟ ମଞ୍ଚରେ ତେଜସ୍ୱିନୀ କିଭଳି ପ୍ରଦର୍ଶନ କରୁଛନ୍ତି ଏବଂ ଭାରତ ପାଇଁ କେତେ ଗୌରବ ଆଣୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଶଚି ଓ ଇନ୍ଦ୍ରଙ୍କ କଥା



ଦେବରାଜ ଇନ୍ଦ୍ର ଏବଂ ଦେବୀ ଶଚିଙ୍କ ମଧ୍ୟରେ ବିବାହ ହୋଇଥିଲା । ଦେବୀ ପାର୍ବତୀଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ଶଚିଦେବୀ ଦେବରାଜଙ୍କୁ ପତି ରୂପରେ ପାଇଥିଲେ । ଶଚିଙ୍କ ସମ୍ବନ୍ଧରେ ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି । ପୁଲୋମାଙ୍କ କନ୍ୟା ଶଚିଙ୍କ ବିଷୟରେ ବେଦରେ ମଧ୍ୟ ବର୍ଣ୍ଣନା ଥିବା ଦେଖିବାକୁ ମିଳିଥାଏ । ସ୍କନ୍ଦ ପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ, ସତ୍ୟଯୁଗରେ ଦୈତ୍ୟରାଜ ପୁଲୋମାଙ୍କ କନ୍ୟା ଶଚି ଦେବରାଜ ଇନ୍ଦ୍ରଙ୍କୁ ପତି ରୂପରେ ପାଇବା ଲାଗି ଜ୍ୱାଳପାଧାମରେ ହିମାଳୟର ଅଧିଷ୍ଠାତ୍ରୀ ଦେବୀ ପାର୍ବତୀଙ୍କୁ ଉପାସନା କରିଥିଲେ । ମା' ପାର୍ବତୀ ଶଚିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଦୀପ୍ତ ଜ୍ୱାଳେଶ୍ୱରୀ ରୂପରେ ଦର୍ଶନ ଦେଇଥିଲେ । ତାଙ୍କରି ଆଶୀର୍ବାଦ କ୍ରମେ ଶଚିଦେବୀ ଇନ୍ଦ୍ରଙ୍କୁ ପତି ରୂପରେ ପାଇଥିଲେ । ଏହି ସ୍ଥାନ ଆଧୁନିକ ଉତ୍ତରାଖଣ୍ଡରେ ରହିଛି ବୋଲି ବିଶ୍ୱାସ କରାଯାଇଥାଏ । ସେଠାରେ ବର୍ତ୍ତମାନ ମଧ୍ୟ ଜ୍ୱାଳାଦେବୀଙ୍କୁ ପୂଜା କରାଯାଉଛି । ଦେବୀ ଶଚିଙ୍କୁ ଇନ୍ଦ୍ରାଣୀ ମଧ୍ୟ କୁହାଯାଏ । ସେ ନିଜ ପତିଙ୍କ ସୁରକ୍ଷା ପାଇଁ ବ୍ରାହ୍ମଣଙ୍କ ଦ୍ୱାରା ଇନ୍ଦ୍ରଦେବଙ୍କ ହାତରେ ରକ୍ଷାସୂତ୍ର ବାନ୍ଧିଥିଲେ । ଏହି ରକ୍ଷାସୂତ୍ର କାରଣୁ ଦେବରାଜ ଇନ୍ଦ୍ର ଦେବାସୁର ସଂଗ୍ରାମରେ ବିଜୟ ଲାଭ କରିଥିଲେ ।

ଘରେ ପ୍ରସ୍ତୁତ କରନ୍ତୁ ଗୁଡୁଚି କାଢ଼ା



ଆୟୁର୍ବେଦ ଅନୁସାରେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ପାଇଁ ଗିଲୋଇ ବା ଗୁଡୁଚି ରସ ସାହାଯ୍ୟ କରିଥାଏ। ମହାମାରୀ କରୋନାରୁ ରକ୍ଷା ପାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ମଧ୍ୟ ଗିଲୋଇ କାଢ଼ା ପିଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛି। ଗୁଡୁଚି କାଢ଼ା ପିଇଲେ ଡେଙ୍ଗୁ, ଚିକେନଗୁନିଆ ଓ ଜ୍ୱର ଆଦି ଭଲ ହୋଇଥାଏ। ତେବେ ବଜାରରେ ମିଳୁଥିବା ଗିଲୋଇ ରସ ନକିଣି ଆପଣ ଘରେଁଲେ ଗିଲୋଇ ଗଛର ପତ୍ର ଓ ଡାଳ ମିଶାଇ ଘରେ ମଧ୍ୟ ଗିଲୋଇ କାଢ଼ା ପ୍ରସ୍ତୁତ କରିପାରିବେ। ଆସନ୍ତୁ ଜାଣିବା ଗୁଡୁଚି କାଢ଼ା କିପରି ପ୍ରସ୍ତୁତ ହୋଇଥାଏ।

ଗୁଡୁଚି କାଢ଼ା ପାଇଁ ଆବଶ୍ୟକ ସାମଗ୍ରୀ: ଦୁଇ କପ୍ ପାଣି, ଗିଲୋଇ ଡାଳ ବା ପତ୍ରରୁ କିଛି, ୧ ଝମଚ ହଳଦୀ, ଦୁଇ ଇଞ୍ଚର ଅଦା, ୬ରୁ ୭ଟି ତୁଳସୀ ପତ୍ର ଓ ସ୍ୱାଦ ଅନୁସାରେ ଗୁଡ଼।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦୁଇ କପ୍ ପାଣିକୁ ଅଳ୍ପ ଆଞ୍ଚରେ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗିଲୋଇ, ଅଦା, ହଳଦୀ, ତୁଳସୀ ପତ୍ର ଓ ଗୁଡ଼ ପକାଇ କିଛି ସମୟ ପାଇଁ ଫୁଟାନ୍ତୁ। ପାଣି ଅଧା ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ଏହାପରେ ଏକ ସଫା କପଡ଼ା ବା ଛଣାରେ ଏହି କାଢ଼ାକୁ ଛାଣି ଦିଅନ୍ତୁ। ଗୁଡୁଚି କାଢ଼ାରୁ ମିଳୁଥିବା ସ୍ୱାସ୍ଥ୍ୟ ଲାଭ

୧. ଗିଲୋଇ କାଢ଼ା ପିଇଲେ ରୋଗ ପ୍ରତିରୋଧ ଶକ୍ତିର କ୍ଷମତା ବଢ଼ିଥାଏ ଏବଂ ଏଥିରେ ଥିବା ଅଦା ଓ ହଳଦୀ ଶରୀରକୁ ଇନଫେକସନଠାରୁ ରକ୍ଷା କରିଥାଏ।

୨. ଡେଙ୍ଗୁ ହେଲେ ଶରୀରରେ ପ୍ଲେଟ୍‌ଲେଟ୍ ସଂଖ୍ୟା କମ୍ ହୋଇଥାଏ। ଏହି ସମୟରେ ରୋଗୀଙ୍କୁ ଗିଲୋଇ କାଢ଼ା ଦେଲେ ପ୍ଲେଟ୍‌ଲେଟ୍ ସଂଖ୍ୟା ବୃଦ୍ଧି ପାଇଥାଏ।

ତେବେ ମନେରଖନ୍ତୁ, ପ୍ରତିଦିନ ଗୋଟିଏ କପରୁ ଅଧିକ ଗୁଡୁଚି କାଢ଼ା ପିଅନ୍ତୁ ନାହିଁ।

ଝିଅକୁ ବିବାହ ସମୟରେ ଦେଉଛନ୍ତି କି ଗଣେଶଙ୍କ ପ୍ରତିମୂର୍ତ୍ତି ? ଜାଣନ୍ତୁ କ'ଣ ରହିବ ଏହାର ପ୍ରଭାବ



ବିଘ୍ନ ବିନାଶକଙ୍କୁ ସବୁବେଳେ ଶୁଭ ବୋଲି ବିବେଚନା କରାଯାଇଥାଏ। ଗଣେଶ ମୂର୍ତ୍ତି ତଥା ଫଟୋକୁ ପୂଜା କଲେ ଘରେ ସୁଖ ଶାନ୍ତି ବିରାଜମାନ କରିଥାଏ ଓ ବାଧାବିଘ୍ନ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ବହୁ ସମୟରେ ପ୍ରିୟଜନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରି ପରିବାର ଲୋକେ ସେମାନଙ୍କୁ ଗଣେଶ ମୂର୍ତ୍ତି ଉପହାର ଦେଇଥାନ୍ତି। ହେଲେ ଏହି ସମୟରେ କିଛି ବାସ୍ତୁ ନିୟମ ମାନିବା ଉଚିତ, ନଚେତ ଉତ୍ତତି ହେବା ପରିବର୍ତ୍ତେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗଣେଶଙ୍କ ପ୍ରତିମାକୁ ଘରର ଯେକୌଣସି ସ୍ଥାନରେ ରଖିବା ଉଚିତ ନୁହେଁ। ବିଶେଷକରି ବାଥରୁମ କ୍ୟାରେ ଗଣେଶଙ୍କର ଫଟୋ କିମ୍ବା ପ୍ରତିମା ରଖନ୍ତୁ ନାହିଁ। ଏହା ବ୍ୟତୀତ ଗଣେଶଙ୍କ ପ୍ରତିମାକୁ ଶୋଇବା ଘରେ ମଧ୍ୟ ରଖିବା ଉଚିତ ନୁହେଁ। ଏହା କରିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବା ସହ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅନାବଶ୍ୟକ ତିକ୍ତତା ବଢ଼ିଥାଏ।

ଭଗବାନ ଗଣେଶଙ୍କ ନୃତ୍ୟ ପ୍ରତିମାକୁ କେବେ ବି ଘରେ ରଖନ୍ତୁ ନାହିଁ। ଏହାକୁ ଉପହାର ରୂପେ ମଧ୍ୟ କାହାକୁ ଦିଅନ୍ତୁ ନାହିଁ। ଗଣେଶ ନୃତ୍ୟ କରୁଥିବା ପ୍ରତିମୂର୍ତ୍ତି ଘରେ ରଖିଲେ ଘରେ ଅଯଥାରେ କଳହ ସୃଷ୍ଟି ହୁଏ ବୋଲି ବିଶ୍ୱାସ ରହିଛି। ଯଦି ଏପରି ମୂର୍ତ୍ତିକୁ ଆପଣ କାହାକୁ ଉପହାର ଭାବେ ଦିଅନ୍ତି, ତା' ହେଲେ ତାଙ୍କ ଜୀବନରେ ମଧ୍ୟ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

ଯଦି ଆପଣ ଗଣପତିଙ୍କ ମୂର୍ତ୍ତିକୁ ଘରେ ରଖିବାକୁ ଯାଉଛନ୍ତି, ତେବେ ବାମ ପାର୍ଶ୍ୱକୁ ଶୁଣ୍ଡ ଥିବା ଗଣପତି ଅଣାଯିବା ଉଚିତ। କାରଣ ଡାହାଣ ପାର୍ଶ୍ୱରେ ଥିବା ଶୁଣ୍ଡ ସହିତ ଗଣେଶଙ୍କୁ ପୂଜା କରିବା ପାଇଁ ବିଶେଷ ନିୟମ ପାଳନ କରିବାକୁ ପଡିଥାଏ।

ବାସ୍ତୁବିତଙ୍କ ଅନୁଯାୟୀ, ସନ୍ତାନ ଚାହୁଁଥିବା ଦମ୍ପତି ଗଣେଶଙ୍କ ଶିଶୁ ପ୍ରତିମୂର୍ତ୍ତିକୁ ଘରକୁ ଆଣିବା ଉଚିତ। ବିଶ୍ୱାସ କରାଯାଏ ଯେ, ଏହାପରେ ଜନ୍ମିତ ସନ୍ତାନ ପିତାମାତାଙ୍କୁ ଭକ୍ତି କରିଥାନ୍ତି।

ଅନ୍ୟପକ୍ଷରେ, ଯଦି ଚାକିରି କିମ୍ବା ବ୍ୟବସାୟରେ କିଛି ଅସୁବିଧା ଅଛି, ତେବେ ସେଗୁଡିକୁ ଦୂର କରିବା ପାଇଁ ଘରେ ଗଣେଶଙ୍କର ଏକ ପ୍ରତିମା କିମ୍ବା ଫଟୋ ଲଗାଯିବା ଉଚିତ ଏହା ସମସ୍ୟା ଦୂର କରେ ଏବଂ ଆପଣଙ୍କୁ ସଫଳତା ଆଣିଦିଏ।

ମସୁର ଡାଲିରେ ତ୍ୱଚାର ଉପଚାର



ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚାହେଁ। ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଅନେକ ଉପାୟ ଆପଣାଇଥାନ୍ତି। ତ୍ୱଚାର ଚମକ ବଢ଼ାଇବା ପାଇଁ କିଏ କସମେଟିକର ସହାୟତା ନିଅନ୍ତି ତ ଆଉ କିଏ ଘରୋଇ ଉପଚାରର। ଏଭଳି ଏକ ଘରୋଇ ଉପଚାର ହେଉଛି ମସୁର ଡାଲି। ମସୁର ଡାଲିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଉଜ୍ଜ୍ୱଳତା ବଢ଼ିବା ସହ ସୁନ୍ଦରତା ଦ୍ୱିଗୁଣ ହୋଇଯିବ। ଏଥିସହ ତ୍ୱଚା ନରମ ମଧ୍ୟ କରିଥାଏ। ତେବେ ଆସନ୍ତୁ ଜାଣିବା ଏହାକୁ କିଭଳି ବ୍ୟବହାର କରିବେ..

ମସୁର ଡାଲିକୁ ବାଟି ଏଥିରେ ମହୁ ଏବଂ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ ଯାଏଁ ମୁହଁରେ ଲଗାନ୍ତୁ। ପରେ ଧୀରେ ଧୀରେ ମସାଜ କରନ୍ତୁ। ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଆପଣ ଚାହିଁଲେ ଏଥିରେ କ୍ଷୀର ମିଶାଇ ମଧ୍ୟ ଲଗାଇ ପାରିବେ। ସପ୍ତାହରେ ୨ ଥର ଏହି ଫେସ ପ୍ୟାକକୁ ଲଗାଇଲେ ରିଙ୍କଲ୍ସ ଦୂର ହେବା ସହ ମୁହଁର ଉଜ୍ଜ୍ୱଳତା ବଢ଼ିଥାଏ।

ଏକ ଚାମଚ ମସୁର ଡାଲି ଗୁଣ୍ଡରେ ଦୁଇ ଚାମଚ କ୍ଷୀର ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ। ଯଦି ଆପଣଙ୍କ ବ୍ରଣ ସମସ୍ୟା ଥାଏ ତେବେ ଏଥିରେ ଏକ ଚୁଟକି ହଳଦୀ ମିଶାଇ ପାରିବ। ଏହି ମିଶ୍ରଣକୁ ମୁହଁରେ ୧୦ରୁ ୧୫ ମିନିଟ ଯାଏ ଲଗାଇ ରଖନ୍ତୁ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।

ଯଦି ମୁହଁରେ କିଛି କଳା ଦାଗ ଥାଏ ତେବେ ଏହାକୁ ଦୂର କରିବା ପାଇଁ ମସୁର ଡାଲିକୁ ବାଟି ସେଥିରେ ଦେଶୀ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏଥିରେ ଆପଣ ଚାହିଁଲେ ମହୁ ମଧ୍ୟ ମିଶାଇ ପାରିବ। ଏହି ମଶ୍ରଣକୁ ମୁହଁ, ବେକ, ହାତ ଏବଂ ଗୋଡରେ ଥିବା କଳା ଦାଗ ଦୂର କରିବା ପାଇଁ ବ୍ୟବହାର କରିପାରିବେ। ଏହି ପେଷ୍ଟକୁ ନିୟମିତ ବ୍ୟବହାର କଲେ ତ୍ୱଚାରେ ଥିବା ଦାଗ ଦୂର ହେବା ସହ ମୁହଁର ସୁନ୍ଦରତା ଧୀରେ ଧୀରେ ବଢ଼ିବ। ମସୁର ଡାଲିରେ ପ୍ରଚୁର ମାତ୍ରାରେ ପ୍ରୋଟିନ ରହିଛି। ଏହାକୁ ଫେସ ପ୍ୟାକ ଭଳି ବ୍ୟବହାର କଲେ ତ୍ୱଚା ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହୋଇଥାଏ । ତ୍ୱଚା ନରମ ହେବା ସହ ଚିକ୍କଣ ମଧ୍ୟ ହୋଇଥାଏ।

ନଗରନକ୍ସା ମହାନଗରର ନିଜ ଭାଷା

ସୋମବାର, ୧୬ ନଭେମ୍ବର, ୨୦୨୬

ମୁଖ୍ୟ ସଚିବଙ୍କ ଅର୍ଣ୍ଣବ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର, ୧୫।୧୧ (ମହାଭାରତ): ରାଜ୍ୟ ମୁଖ୍ୟ ଶାସନ ସଚିବଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ତଥା କମିଶନର ତଥା ଶାସନ ସଚିବମାନେ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ଓ ସମୀକ୍ଷା କରାଯାଇଛି । ଏଥିରେ ୨୦୨୬-୨୭ ବଜେଟ୍ ଅନୁମୋଦନ ଅନୁସାରେ ଖର୍ଚ୍ଚ ସମୀକ୍ଷା କରାଯିବା ସହ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟ୍ ଏବଂ ଆଗାମୀ ୨୦୨୭-୨୮ ବାର୍ଷିକ ବଜେଟ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରାରମ୍ଭରେ ଗତ ଅକ୍ଟୋବର ପ୍ରଥମ ସପ୍ତାହରୁ ନଭେମ୍ବର ମାସ ଆଜି ସୁଦ୍ଧା ରାଜ୍ୟର ପ୍ରମୁଖ ସଫଳତା ଓ ବିକାଶମୂଳକ ପଦକ୍ଷେପ



ଏବଂ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ଏଥି ସହିତ ବାତ୍ୟା "ଅର୍ଣ୍ଣବ" ଏବଂ ଏହାର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ସଂଘଟିତ ବନ୍ୟା ପ୍ରଭାବିତଙ୍କୁ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବାରେ ସମ୍ପୃକ୍ତ ସମସ୍ତ ବିଭାଗମାନଙ୍କୁ ମୁଖ୍ୟ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ୩୧ ଅକ୍ଟୋବର ସୁଦ୍ଧା ରାଜ୍ୟର ବିତୀୟ ପ୍ରଦର୍ଶନ ଉପସ୍ଥାପନ କରାଯାଇଥିଲା। ଅଦ୍ୟବଧି ବିଭିନ୍ନ ବିଭାଗ ତରଫରୁ କରାଯାଇଥିବା ଖର୍ଚ୍ଚଓ ରାଜସ୍ୱ ଆଦାୟ ସଂପର୍କରେ ଆଲୋଚନା କରାଯାଇଥିଲା। ଗତ ବର୍ଷ ଅକ୍ଟୋବର ତୁଳନାରେ ଚଳିତ ବର୍ଷ ଏହି ମାସ ସୁଦ୍ଧାବଜେଟ୍ ଅନୁମୋଦନ ଅନୁସାରେ ସାମଗ୍ରିକ ଭାବେ ଖର୍ଚ୍ଚ୯.୯ପ୍ରତିଶତ ବୃଦ୍ଧି ପାଇଛି।କାର୍ଯ୍ୟକ୍ରମ ବାବଦକୁ ଖର୍ଚ୍ଚ ଗତ ଅକ୍ଟୋବର ତୁଳନାରେ ଉଲ୍ଲେଖନୀୟ ଭାବେ ୧୧ପ୍ରତିଶତବୃଦ୍ଧିପାଇଛି। ପୁଞ୍ଜିବ୍ୟୟ ଗତବର୍ଷ ଏହି ସମୟ ତୁଳନାରେ ଚଳିତ ବର୍ଷ୨୭.୨ % କୁବୃଦ୍ଧି ଘଟିଛି।ଭିତିଭୂମି କ୍ଷେତ୍ରରେ୧୩.୫ % ବୃଦ୍ଧିହୋଇଛି। ବୈଠକରେ ବିଭିନ୍ନ ଉତ୍ସରୁ ରାଜସ୍ୱ ଆଦାୟ ସ୍ଥିତି ସମୀକ୍ଷା କରାଯାଇଥିଲା । ବିଭିନ୍ନ ବିଭାଗୱାରୀ ଖର୍ଚ୍ଚ ସମୀକ୍ଷା କରାଯାଇଥିଲା।ମୁଖ୍ୟ ଶାସନ ସଚିବ ବଜେଟ୍ ଅନୁମୋଦନ ହିସାବରେ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ତ୍ୱରାନ୍ୱିତ କରି ଖର୍ଚ୍ଚ ବୃଦ୍ଧି ହାର ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ୨୦୨୭-୨୮ ବାର୍ଷିକ ବଜେଟ୍ ଅଗ୍ରାଧିକାର କ୍ଷେତ୍ର ସହବିକଶିତ ଓଡ଼ିଶା ୨୦୩୬ ବିକଶିତ ଭାରତ ୨୦୪୭ ଦୀର୍ଘକାଳୀନ ଲକ୍ଷ୍ୟ ସହିତ ସଂଯୋଜିତ ହେବା ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟ ଶାସନ ସଚିବ ସାମାଜିକ କ୍ଷେତ୍ର ଅନ୍ତର୍ଗତ ସାମାଜିକ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମିକ କଲ୍ୟାଣ, ପଂଚାୟତିରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ଜନଜାତି ବିକାଶ, ଦକ୍ଷତା ବିକାଶ ଆଦି କ୍ଷେତ୍ରରେ କାର୍ଯ୍ୟ ଏବଂ ଖର୍ଚ୍ଚ ବୃଦ୍ଧି ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଇଜ ଅଫ ଡୁଇଂ ବିଜନେସ ଅନ୍ତର୍ଗତ ବ୍ୟବସାୟିକ ସଂସ୍କାର ଆହ୍ୱନ ପ୍ଲାନ ଏବଂ ଓଡ଼ିଶା ଲୋକସେବା ଅଧିକାର ଆଇନ ଅଧୀନରେ ବିଭିନ୍ନ ଅନ ଲାଇନ ସେବା ପ୍ରଦାନ ବ୍ୟବସ୍ଥାର କାର୍ଯ୍ୟକାରିତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ପରାମର୍ଶ ଦିଆଯାଇଛି। ଓଡ଼ିଶା ଲୋକ ସେବା ଅଧିକାର ଅଧିନିୟମ ୨୦୧୨ ଅଧିନରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୁଦୃଢ କରାଯାଇ ସ୍ୱୟଂ କ୍ରିୟ ଅପିଲ ବ୍ୟବସ୍ଥା, କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥା ଏବଂ ଆମସାଥୀ ହ୍ୱାଟ୍ସଆପ୍ ଚାଟବୋଟ୍ ର କାର୍ଯ୍ୟକାରିତା ନେଇ ସମୀକ୍ଷା ଓ ଆଲୋଚନା କରାଯାଇଥିଲା । ବର୍ତମାନ ୩୨ ଟି ବିଭାଗର ୪୫୧ଟି ବିଜ୍ଞପିତ ସେବା ମଧ୍ୟରୁ ୩୭୧ ଟିର ଅନଲାଇନ୍ ସେବା ଉପଲବ୍ଧ ହେଉଛି ଓ ୮୦ ଟିର ଅଫ୍ ଲାଇନ୍ ସେବା ମିଳୁଛି।

ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୫।୧୧ (ମହାଭାରତ): ସରକାରୀ କାର୍ଯ୍ୟରେ ଡିଜିଟାଲ୍ ପ୍ରଯୁକ୍ତିର ଉପଯୋଗ ବୃଦ୍ଧି, ପ୍ରଶାସନିକ ଦକ୍ଷତା ବିକାଶ ଏବଂ ଇ-ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଆଜି ଏକ ପ୍ରଶିକ୍ଷଣ ତଥା ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନସ୍ଥ ସେଂଟର ଫର୍ ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଂଟ ଇନିସିଏଟିଭ୍ ପକ୍ଷରୁ ବିକଶିତ ଏବଂ ପରିଚାଳିତ ବିଭିନ୍ନ ସଫ୍ଟୱେର୍ ଆପ୍ଲିକେସନ୍ ର କାର୍ଯ୍ୟପ୍ରଣାଳୀ, ବ୍ୟାବହାରିକ ଦିଗ ଓ ବିଭିନ୍ନ ସୁବିଧା ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଇବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ। ଲୋକସେବା ଭବନଠାରେ ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ବିଭିନ୍ନ ଶାଖାର ଡେସ୍କ ଅଫିସର, ସେକ୍ସନ୍ ଅଫିସର ଏବଂ ଆସିଷ୍ଟାଂଟ ସେକ୍ସନ୍ ଅଫିସରମାନେ ଅଂଶଗ୍ରହଣ କରିଥିଲେ। ସିଏମଜିଆଇ ପକ୍ଷରୁ ପ୍ରୋଜେକ୍ଟ ଆସିଷ୍ଟାଂଟ୍ ଦେବସ୍ମିତା ପଟ୍ଟନାୟକ ଏବଂ ଟିମଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣରେ ହ୍ୟୁମାନ୍ ରିସୋର୍ସ ମ୍ୟାନେଜମେଂଟ ସିଷ୍ଟମ୍ର ବିଭିନ୍ନ କାର୍ଯ୍ୟକାରିତା, ମାଇଁ ଅଫିସ୍ ମଡ୍ୟୁଲ୍, ବିଲ୍ ବ୍ରାଉଜର୍, ଏଚଆରଏମଏସ୍ ଡ୍ୟାସ୍ ବୋର୍ଡ, ଷ୍ଟେଟ୍ ଡ୍ୟାସ୍ ବୋର୍ଡ, ଡିପାର୍ଟମେଂଟ ଡ୍ୟାସ୍ ବୋର୍ଡ ଏବଂ ଅପରେସନାଲ୍ ପେମେଂଟ ମ୍ୟାନେଜମେଂଟ ସିଷ୍ଟମ୍ ଆଦିର ବ୍ୟବହାର ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଛି। ଏଥିସହିତ ସିଏମଜିଆଇ ଦ୍ୱାରା ପରିଚାଳିତ ଅନ୍ୟାନ୍ୟ ଡିଜିଟାଲ୍ ଆପ୍ଲିକେସନ୍ ର ପ୍ରାସଙ୍ଗିକ ବୈଶିଷ୍ଟ୍ୟ ଓ ସୁବିଧା ସମ୍ପର୍କରେ ମଧ୍ୟ ତାଲିମ୍ ପ୍ରଦାନ କରାଯାଇଛି। ପ୍ରଶିକ୍ଷଣ ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନେ ଡିଜିଟାଲ୍ ଆପ୍ଲିକେସନ୍ ଗୁଡ଼ିକର ଉପଯୁକ୍ତ ବ୍ୟବହାର, ଦୈନନ୍ଦିନ କାର୍ଯ୍ୟର ସରଳୀକରଣ ଏବଂ ଅନ୍‌ଲାଇନ୍ ମନିଟରିଂ ବ୍ୟବସ୍ଥା ସମ୍ପର୍କରେ ବ୍ୟାବହାରିକ ଜ୍ଞାନ ହାସଲ କରିପାରିବେ।

ଜନସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଆହ୍ୱାନ

ଭୁବନେଶ୍ୱର, ୧୫।୧୧ (ମହାଭାରତ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ସ୍ୱଚ୍ଛତା, ସାଧୁତା, ସମ୍ବେଦନଶୀଳତା ଓ ଜନସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ନିଜ ଦାୟିତ୍ୱ ଓ କର୍ତବ୍ୟ ପ୍ରତି ସର୍ବଦା ସଚ୍ଚୋଟ ଏବଂ ନିଷ୍ଠାବାନ ରହିବାକୁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଛନ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ। ନିକଟରେ ଜଣେ ଯୁବ ଓଡ଼ିଶା ରାଜସ୍ୱ ସେବା (ଓଆରଏସ୍) ଅଧିକାରୀ ଲାଂଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିବା ଘଟଣା ତାଙ୍କୁ ଗଭୀର ଭାବେ ମର୍ମାହତ ଓ ବ୍ୟଥିତ କରିଛି ବୋଲି ବିଭାଗର ସମସ୍ତ ସହକର୍ମୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ପତ୍ରରେ ସେ ଉଲ୍ଲେଖ କରିଛନ୍ତି। ଏହି ଘଟଣାକୁ ଏକ ଚେତାବନୀ ଭାବେ ଗ୍ରହଣ କରି ସରକାରୀ ସେବାରେ ନୈତିକତା, ସାଧୁତା ଓ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦେବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତି ନହେବା ଦିଗରେ ସମସ୍ତଙ୍କୁ ସଚେତନ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

ପତ୍ରରେ ରାଜସ୍ୱ ସଚିବ ଉଲ୍ଲେଖ କରିଛନ୍ତି ଯେ, ସରକାରୀ ଚାକିରି କେବଳ ଜୀବିକା ନିର୍ବାହର ମାଧ୍ୟମ ନୁହେଁ, ଏହା ଜନସାଧାରଣଙ୍କ ସେବା କରିବାର ଏକ ସୁଯୋଗ। ଏଭଳି ଏକକ ଘଟଣାକୁ ଆଧାର କରି ସମଗ୍ର ବିଭାଗର କାର୍ଯ୍ୟଦକ୍ଷତା ଓ ଭାବମୂର୍ତିକୁ ଆକଳନ କରିବା ଉଚିତ ନୁହେଁ। ବିଭାଗର ଅଧିକାଂଶ ଅଧିକାରୀ ଓ କର୍ମଚାରୀ ନିଷ୍ଠା, ସାଧୁତା ଓ ସମର୍ପଣ ଭାବନାର ସହିତ ଜନସାଧାରଣଙ୍କ ସେବା କରୁଛନ୍ତି ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ବିଭାଗରେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ସେ ନିଜେ ନୈତିକତା, ଶୃଙ୍ଖଳା ଓ ସ୍ୱଚ୍ଛତାର ସହ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ପ୍ରତିବଦ୍ଧ ବୋଲି ଜଣାଇଛନ୍ତି।ଏହି ପରିପ୍ରେକ୍ଷୀରେ ଦୁର୍ନୀତି ପ୍ରତି ଶୂନ୍ୟ-ସହନଶୀଳତା ନୀତି ଅବଲମ୍ବନ କରିବା ସହ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ଏବଂ ନିଜର କର୍ତବ୍ୟ ପାଳନରେ କୌଣସି ପ୍ରକାର ଅବହେଳା ନକରିବାକୁ ସେ ଆହ୍ୱାନ ଦେଇଛନ୍ତି।

ସେହିପରି, ବିଭାଗର ବିଭିନ୍ନ ସ୍ତରରେ କାର୍ଯ୍ୟରତ ଅଧିକାରୀମାନେ ପରସ୍ପର ପ୍ରତି ସମ୍ମାନ, ସହଯୋଗ ଓ କର୍ତବ୍ୟନିଷ୍ଠାର ଭାବନା ରଖିବା ସହ ଏକ ସୁସ୍ଥ ଓ ସକାରାତ୍ମକ କାର୍ଯ୍ୟପରିବେଶ ଗଠନ ଦିଗରେ ଉଦ୍ୟମ କରିବା ଆବଶ୍ୟକ। ନିଜର ଦକ୍ଷତା ଓ ସାମର୍ଥ୍ୟର ସର୍ବୋତମ ଉପଯୋଗ କରି ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ସହ ଏକ ସ୍ୱଚ୍ଛ, ସମର୍ପିତ ଓ ଜନକେନ୍ଦ୍ରିକ ପ୍ରଶାସନ ଗଠନ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ଗଣତନ୍ତ୍ର ଓ ସମ୍ବିଧାନକୁ ସୁରକ୍ଷା ଦେବା ଆମର ଦାୟିତ୍ୱ

କଟକ, ୧୫।୧୧ (ମହାଭାରତ): ଦେଶର ଗଣତନ୍ତ୍ର, ସମ୍ବିଧାନ ଏବଂ ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ପାଇଁ କଂଗ୍ରେସ ଓ 'ଇଣ୍ଡି' ମେଂଟର ସମସ୍ତ ଅରାଜକତାବାଦୀ ଷଡ଼ଯନ୍ତ୍ରକୁ ଗଣତାନ୍ତ୍ରିକ ଉପାୟରେ ମୂଳପୋଛ କରାଯିବ ବୋଲି ଗୁରୁବାର ଆଠଗଡ଼ ଠାରେ ଅନୁଷ୍ଠିତ ବିଶାଳ ପଦଯାତ୍ରା। ପରବର୍ତୀ ସାଧାରଣ ସଭାରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଆଠଗଡ଼ରେ "ଲୋକତନ୍ତ୍ର ବଂଚାଓ, ଅରାଜକତା ହଟାଓ" ଅଭିଯାନ ଅନ୍ତର୍ଗତ ପଦଯାତ୍ରାକୁ ମିଳିଥିବା ବିପୁଳ ଜନସମର୍ଥନ ଓ ଲୋକଙ୍କ ଅଦମ୍ୟ ଉତ୍ସାହକୁ ପ୍ରଶଂସା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ପ୍ରଚଣ୍ଡ ଜନସ୍ରୋତ ପ୍ରମାଣ କରୁଛି ଯେ ଓଡ଼ିଶାର ଜନତା ସର୍ବଦା ଗଣତନ୍ତ୍ର ଓ ସତ୍ୟର ପକ୍ଷରେ ଠିଆ ହୋଇଛନ୍ତି। କିନ୍ତୁ ନିଜର ନିର୍ବାଚନୀ ପରାଜୟକୁ ହଜମ କରିନପାରି କଂଗ୍ରେସ ଓ 'ଇଣ୍ଡି' ମେଂଟ ପ୍ରତିଥର ଇଭିଏମ୍, ନିର୍ବାଚନ ଆୟୋଗ ଏବଂ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଉପରେ ଅଯଥା ଦୋଷ ଲଦିବାରେ ବ୍ୟସ୍ତ ଅଛନ୍ତି । କଂଗ୍ରେସ ଓ 'ଇଣ୍ଡି' ମେଂଟର ଦୋମୁହାଁ ନୀତିକୁ କଡ଼ା ସମାଲୋଚନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ଜନମତକୁ ସମ୍ମାନ ଦେବା ପରିବର୍ତେ, ଏହି ଦଳଗୁଡ଼ିକ ଭୋଟର ତାଲିକା ଶୁଦ୍ଧୀକରଣ ଏବଂ ନିର୍ବାଚନ ଆୟୋଗଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣୁଛନ୍ତି। ପ୍ରକୃତରେ ସେମାନେ ଜନସାଧାରଣଙ୍କ ଅଧିକାର ପାଇଁ ନୁହେଁ, ବରଂ ବେଆଇନ ଅନୁପ୍ରବେଶକାରୀମାନଙ୍କୁ ନିଜର ଭୋଟ୍ ବ୍ୟାଙ୍କ ଭାବେ ବଞ୍ଚାଇ ରଖିବା ପାଇଁ ଏହି ଷଡ଼ଯନ୍ତ୍ର କରୁଛନ୍ତି। ଆମ ସୁରକ୍ଷା ବଳଙ୍କ ବଳିଦାନ ଏବଂ ସେନାଙ୍କ ପରାକ୍ରମ ଉପରେ ସନ୍ଦେହ ପ୍ରକଟ କରିବା ସେମାନଙ୍କର ସଙ୍କୁଚିତ ଓ ତୁଷ୍ଟୀକରଣ ମାନସିକତାକୁ ପଦାରେ ପକାଇଛି। ଦେଶର ଜନସାଧାରଣ ସେମାନଙ୍କର ଏହି ବିଭ୍ରାନ୍ତିକର ତଥା ଦେଶବିରୋଧୀ ରାଜନୀତିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିସାରିଛନ୍ତି।

ସାଧାରଣ ଲୋକଙ୍କ ପ୍ରକୃତ ଭାଗୀଦାରି ହିଁ ଆମ ଗଣତନ୍ତ୍ରର ପ୍ରକୃତ ଶକ୍ତି ବୋଲି ମତବ୍ୟକ୍ତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜି ଜଣେ ଜନଜାତି ଘରର ଝିଅ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ (ରାଷ୍ଟ୍ରପତି)ରେ ଅଳଂକୃତ ହେବା ଏବଂ ଜଣେ ଗରିବ ପରିବାରର ପୁଅ ଦେଶର ସଫଳ ନେତୃତ୍ୱ ନେବା କଂଗ୍ରେସ ଓ 'ଇଣ୍ଡି' ମେଣ୍ଟର ନେତାଙ୍କୁ ଆଦୌ ପସନ୍ଦ ଆସୁନାହିଁ। କ୍ଷମତା ହରାଇବାର ଯନ୍ତ୍ରଣାରେ ସେମାନେ ଦେଶରେ ଅସ୍ଥିରତା ଏବଂ ଅରାଜକତା ସୃଷ୍ଟି କରୁଛନ୍ତି। ଶେଷରେ, ଦେଶର ସମ୍ବିଧାନ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରକ୍ଷା କରିବା ପାଇଁ ଏକଜୁଟ ହେବାକୁ ଆହ୍ୱାନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ଅରାଜକତାବାଦୀଙ୍କ ସମସ୍ତ କୁଚକ୍ରାନ୍ତକୁ ଜନସାଧାରଣଙ୍କ ସହଯୋଗରେ ଗଣତାନ୍ତ୍ରିକ ଉପାୟରେ ସମ୍ପୂର୍ଣ୍ଣ ମୂଳପୋଛ କରାଯିବ ବୋଲି ସେ କହିଛନ୍ତି।

ରାଜ୍ୟରେ ଶାସନ ଚାଲିଛି ଏବିଭିପି ପରାମର୍ଶରେ: ବିଜେଡି

ଭୁବନେଶ୍ୱର,୧୫।୧୧ (ମହାଭାରତ): ଏବିଭିପି ଓ ବିଜେପି ସରକାରଙ୍କ ମଧ୍ୟରେ ସମ୍ପର୍କ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏବିଭିପି ରାଜ୍ୟସ୍ତରୀୟ ଛାତ୍ର ନେତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇ ଅଭିଭାଷଣକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଶ୍ରୀ ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଇପ୍ସିତା ସାହୁ ମୁଖ୍ୟମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ, ଏବିଭିପି ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଛାତ୍ର ନେତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ବୟାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମୋହନ ଚରଣ ମାଝୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନା ଏବିଭିପିର ମୁଖ୍ୟମନ୍ତ୍ରୀ ବୋଲି ପ୍ରଶ୍ନ କରିଛନ୍ତି । ଏବିଭିପିର ପ୍ରସ୍ତୁତି ସରିବା ପରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା କରାଯାଇଥିଲା । ଯାହାକି ପ୍ରମାଣିତ କରୁଛି ଯେ ଏବିଭିପିକୁ ସୁହାଇବା ଭଳି ନିର୍ବାଚନ ପାଇଁ ଏବିଭିପି କହିବା ପରେ ନିର୍ବାଚନ ହୋଇଥିଲା । ଖାଲି ଏତକ ନୁହେଁ ଛାତ୍ର ସଂସଦ ନିର୍ବାଚନ ପରେ ଏବିଭିପିର ବିଜୟ ପ୍ରାର୍ଥୀମାନଙ୍କୁ ସେ ଶୁଭେଚ୍ଛା ଜଣାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । କଟକ ସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଏବିଭିପି ସହ ଜଡ଼ିତ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ । ସେ ସାରା ଓଡ଼ିଶାର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । କିନ୍ତୁ ତାହାକୁ ସେ ଭଙ୍ଗ



କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ନୀତି ନିୟମ ଅନୁସାରେ ଛାତ୍ର ସଂସଦ ନିର୍ବାଚନ ହେଉଥିବା । କିନ୍ତୁ ବିଜେପି ସରକାରରେ ତାହା ଅନୁପାଳନ ହେଲା ନାହିଁ । ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ହସ୍ତକ୍ଷେପ କରିବା । ଯାହା ପୂର୍ବରୁ କେବେ ହେଉନଥିଲା । ବିଜୁ ଛାତ୍ର ଜନତା ଦଳ ଯାହା ଅଭିଯୋଗ କରି ଆସୁଥିଲା, ତାହା ଏବେ ସତ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଗତକାଲିର ଅଭିଭାଷଣରୁ ତାହା ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ ହୋଇଯାଇଛି । ଏବିଭିପିର ସବୁଜ ସଙ୍କେତ ମିଳିବା ପରେ ତରବରିଆ ଭାବେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ବିଜୁ ଛାତ୍ର ଜନତା ଦଳର ସଂଗଠନ ଯେଉଁଠି ଭଲ ଥିଲା, ସେଠି ଜାଣିଶୁଣି ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯାଇଥିଲା । ଭୋଟ ଗଣତିରେ ମଧ୍ୟ ବିଳମ୍ବ କରିଥିଲେ । ରମାଦେବୀ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବିଜୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫୋନ କରି ଚାପ ପ୍ରୟୋଗ କରା ଯାଇଥିଲା । ଯେଉଁ ସବୁ ଅଭିଯୋଗ ହେଉଥିଲା ସେ ସମସ୍ତ ଅଭିଯୋଗକୁ ଗତକାଲି ମୁଖ୍ୟମନ୍ତ୍ରୀ ମୋହର ମାରିଛନ୍ତି । ବିଜେପି ସରକାର ଏବିଭିପିକୁ ଛାତ୍ର ସ

শিমুলহাটি পুরসভার নতুন চেয়ারম্যান সুবীর কুমার দাস

দায়িত্ব নিয়েই ১৫ দফা প্রতিশ্রুতি, পুরনো অভিযোগ খতিয়ে দেখার আশ্বাস

নিজস্ব প্রতিবেদক

শিমুলহাটি পুরসভার নতুন চেয়ারম্যান হিসেবে সুবীর কুমার দাস বুধবার দায়িত্ব গ্রহণ করেছেন। পুরসভার সভাকক্ষে আয়োজিত এক সংক্ষিপ্ত অনুষ্ঠানে তাঁকে শপথবাক্য পাঠ করান মহকুমা শাসক অনিন্দিতা রায়। অনুষ্ঠানে উপস্থিত ছিলেন পুরসভার ১৫ জন কাউন্সিলর, বিভিন্ন দপ্তরের আধিকারিক এবং বিপুলসংখ্যক স্থানীয় বাসিন্দা।

দায়িত্ব নেওয়ার পর সুবীর কুমার দাস বলেন, “শিমুলহাটি পুরসভা দীর্ঘদিন ধরে নাগরিক পরিষেবা নিয়ে নানা অভিযোগের মুখে পড়েছে। আমরা সেই অভিযোগগুলি একে একে খতিয়ে দেখব। যাঁরা ভোট দিয়েছেন, তাঁদের পাশে যেমন থাকব, তেমনই যাঁরা ভোট দেননি, তাঁদের কথাও শুনব।” তিনি জানান, প্রথম ১০০ দিনের মধ্যে পুরসভার কাজকর্মে স্বচ্ছতা ও জবাবদিহি বাড়ানোর জন্য একাধিক উদ্যোগ নেওয়া হবে।

নতুন চেয়ারম্যান ঘোষণা করেন, পুরসভার ওয়েবসাইটে প্রতি মাসের আয়-ব্যয়ের হিসাব নিয়মিত প্রকাশ করা হবে। পাশাপাশি অভিযোগ জানানোর জন্য একটি হেল্পলাইন চালু করা হচ্ছে, যেখানে নাগরিকরা ফোন করে বা হোয়াটসঅ্যাপে ছবি পাঠিয়ে সমস্যার কথা জানাতে পারবেন। তাঁর দাবি, নির্দিষ্ট সময়সীমার মধ্যে সমাধান না হলে সংশ্লিষ্ট কর্মীদের জবাবদিহির মুখে পড়তে হবে।

পুরসভার ১৫টি ওয়ার্ডের মধ্যে ১১টিতে জয় পেয়েছে তৃণমূল কংগ্রেস। বিরোধী বামপন্থী ও কংগ্রেস জোট পেয়েছে ৩টি আসন, একটি আসন নির্দল প্রার্থীর দখলে গিয়েছে। সুবীর কুমার দাস বলেন, “বিরোধীরা থাকলে গণতন্ত্র আরও মজবুত হয়। তাঁদের সহযোগিতা পেলে শহরের উন্নয়নে আমরা আরও দ্রুত এগোতে পারব।” তিনি সকল কাউন্সিলরকে নিয়ে সপ্তাহে একদিন ওয়ার্ড-ভিত্তিক বৈঠকের কথাও ঘোষণা করেন।

অনুষ্ঠানে উপস্থিত ছিলেন বিধায়ক তনুশ্রী মণ্ডল, মহকুমা শাসক অনিন্দিতা রায়, পুলিশ সুপার (এসডিপিও) রাজীব সেনগুপ্ত এবং বিভিন্ন ব্লকের বিডিও-রা। বিধায়ক তনুশ্রী মণ্ডল বলেন, “পুরসভা ও প্রশাসন একসঙ্গে কাজ করলে শহরের চেহারা বদলাতে বেশি সময় লাগবে না। আমরা সেই সহযোগিতা দিতে প্রস্তুত।”

মহকুমা শাসক অনিন্দিতা রায় জানান, নতুন চেয়ারম্যানের শপথগ্রহণের পর মহকুমা প্রশাসনের পক্ষ থেকে পুরসভার সমস্ত নথি ও আর্থিক লেনদেন খতিয়ে দেখার জন্য একটি বিশেষ নজরদারি কমিটি গঠন করা হয়েছে। ওই কমিটি ৩০ দিনের মধ্যে তাদের রিপোর্ট জমা দেবে।

‘চাকরি দিন, নয়তো ফিরে যান’, শিমুলহাটি পুরসভার সামনে বিক্ষোভ

নিয়োগ দুর্নীতির অভিযোগে ৩ দিন ধরে অবস্থান, পুরসভা বন্ধ

নিজস্ব প্রতিবেদক

শিমুলহাটি পুরসভার সামনে তিন দিন ধরে বিক্ষোভ দেখাচ্ছেন বেকার যুবক-যুবতীরা। তাঁদের অভিযোগ, পুরসভার বিভিন্ন দপ্তরে সাফাই কর্মী ও অস্থায়ী কর্মী নিয়োগে ব্যাপক অনিয়ম হয়েছে। যাঁরা বছরের পর বছর কাজ করছেন, তাঁদের স্থায়ী করা হচ্ছে না, অথচ নতুন করে নিয়োগ হচ্ছে। বিক্ষোভকারীদের দাবি, অবিলম্বে নিয়োগ প্রক্রিয়া বন্ধ করে বকেয়া কর্মীদের স্থায়ী করতে হবে।

বুধবার সকাল থেকে পুরসভার প্রধান ফটকে জড়ো হতে শুরু করেন বিক্ষোভকারীরা। তাঁদের হাতে ছিল প্ল্যাকার্ড ও স্লোগান লেখা ব্যানার। ‘চাকরি দিন, নয়তো ফিরে যান’, ‘স্বজনপোষণ বন্ধ করো’—এমন নানা স্লোগানে মুখর হয়ে ওঠে পুরসভা চত্বর। বিক্ষোভের জেরে পুরসভার সাধারণ কাজকর্ম সম্পূর্ণ বন্ধ হয়ে পড়ে। জন্ম ও মৃত্যু শংসাপত্র, বাড়ি নির্মাণের অনুমতি-সহ বিভিন্ন পরিষেবা নিতে আসা মানুষজন ফটকের বাইরে থেকেই ফিরে যেতে বাধ্য হন।

বিক্ষোভকারীদের অন্যতম মুখ রিয়া সরকার বলেন, “আমরা অনেকে গত পাঁচ বছর ধরে এখানে কাজ করছি। কারও কারও বয়স ৩০ পেরিয়ে গেছে। অথচ আমাদের কোনও নিরাপত্তা নেই, ছুটি নেই, ন্যূনতম মজুরিও ঠিকমতো দেওয়া হয় না। অথচ নতুন করে নিয়োগ হচ্ছে। আমরা চাই, যোগ্যতা অনুযায়ী সবার সুযোগ হোক।” তাঁর অভিযোগ, নিয়োগ প্রক্রিয়ায় স্বচ্ছতা নেই এবং ক্ষমতাসীন ঘনিষ্ঠদের অগ্রাধিকার দেওয়া হচ্ছে।

পুরসভার ১৫টি ওয়ার্ডের মধ্যে ১১টিতে জয় পেয়েছে তৃণমূল কংগ্রেস। বিরোধী বামপন্থী ও কংগ্রেস জোট পেয়েছে ৩টি আসন, একটি আসন নির্দল প্রার্থীর দখলে গিয়েছে। সুবীর কুমার দাস বলেন, “বিরোধীরা থাকলে গণতন্ত্র আরও মজবুত হয়। তাঁদের সহযোগিতা পেলে শহরের উন্নয়নে আমরা আরও দ্রুত এগোতে পারব।” তিনি সকল কাউন্সিলরকে নিয়ে সপ্তাহে একদিন ওয়ার্ড-ভিত্তিক বৈঠকের কথাও ঘোষণা করেন।

অনুষ্ঠানে উপস্থিত ছিলেন বিধায়ক তনুশ্রী মণ্ডল, মহকুমা শাসক অনিন্দিতা রায়, পুলিশ সুপার (এসডিপিও) রাজীব সেনগুপ্ত এবং বিভিন্ন ব্লকের বিডিও-রা। বিধায়ক তনুশ্রী মণ্ডল বলেন, “পুরসভা ও প্রশাসন একসঙ্গে কাজ করলে শহরের চেহারা বদলাতে বেশি সময় লাগবে না। আমরা সেই সহযোগিতা দিতে প্রস্তুত।”



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ସୋମବାର, ୧୬ ନଭେମ୍ବର, ୨୦୨୬

ସିଦ୍ଧେଶ୍ୱର ଶିବ ମନ୍ଦିରରୁ ଚୋରି

ପାରାଦ୍ୱୀପ, (ମହାଭାରତ): ପାରାଦ୍ୱୀପ ଗଡ଼ ପଞ୍ଚାୟତ ର ପ୍ରସିଦ୍ଧ ସିଦ୍ଧେଶ୍ୱର ଶିବ ମନ୍ଦିରରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିର ର ଗେଟ୍ ତାଲା ଭାଙ୍ଗି ଭିତରେ ପଶିବା ସହିତ ମନ୍ଦିର ର ହୁଣ୍ଡି ବାକ୍ସ କୁ ତାଡି କେହି ବାକ୍ସରେ ଥିବା ସମସ୍ତ ଦାନ ଟଙ୍କା ନେଇଯାଇଛି। ଗତ ତିନି ବର୍ଷ ହେଲା ମନ୍ଦିର ର ଦାନ ବାକ୍ସ ଖୋଲାଯାଇ ନଥିବା ବେଳେ ଏଥିରେ ପାଖାପାଖି ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ଅନୁମାନ କରାଯାଉଛି। ଗତକାଲି ରାତି ୯ ଟା ରେ ପହଡ଼ ପଡ଼ିଥିବା ବେଳେ ପାଖାପାଖି ରାତି ୧୦ ଟା ପର୍ଯ୍ୟନ୍ତ ମନ୍ଦିର ବାହାରେ ଭଜନ କୀର୍ତ୍ତନ ଚାଲିଥିଲା। ରାତି ୪ ଟାରେ ଆଳତୀ କରିବା ପାଇଁ ପୂଜକ ଆସି ଦେଖିଥିଲେ ଗେଟ୍ ର ତାଲା ଭାଙ୍ଗିଛି ଏବଂ ହୁଣ୍ଡି ତଡ଼ା ଯାଇଛି। ସଙ୍ଗେ ସଙ୍ଗେ ମନ୍ଦିର ଟ୍ରଷ୍ଟି ଙ୍କୁ ଖବର ଦେବା ପରେ ଟ୍ରଷ୍ଟ ପକ୍ଷରୁ ପାରାଦ୍ୱୀପ ଲକ୍ ଥାନା ରେ ଏତେଲା ଦିଆଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଏହି ଚୋରି ରେ ମନ୍ଦିର ରେ ଥିବା ଠାକୁର ଙ୍କ ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ସଠିକ୍ ରହିଛି ଏବଂ ହୁଣ୍ଡିରେ ଥିବା ନୋଟ୍ ଗୁଡିକ କେହି ନେଇଯାଇଥିବା ମନ୍ଦିରର ପୂଜକ ପ୍ରକାଶ କରିଛନ୍ତି।

ପାରାଦୀପରେ ଆଦିଦେବ ଏଣ୍ଟରଟେନମେଣ୍ଟର ସିଜନ-୨ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଅଡିସନ ଶେଷ

ପାରାଦୀପ, (ମହାଭାରତ): ପାରାଦୀପ ସ୍ଥିତ ହୋଟେଲ ଇଣ୍ଟରନ୍ୟାସନାଲ ରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି ଆଦିଦେବ ଏଣ୍ଟରଟେନମେଣ୍ଟ ର ବହୁ ପ୍ରତିକ୍ଷୀତ ପାରମ୍ପରିକ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ସିଜନ - ୨ ର ଅଡିସନ ରାଉଣ୍ଡ। ପ୍ରଥମ ସିଜିନ ର ସଫଳତା ପରେ ଆଜିର ଏହି ଅଡିସନରେ କଟକ, ପୁରୀ, ଯାଜପୁର, ବଲାଙ୍ଗୀର, କେନ୍ଦ୍ରାପଡ଼ା, ପୁରୀ, ଜଗତସିଂହପୁର, ପାରାଦୀପ ସମେତ ସୁଦୂର ବାଙ୍ଗାଲୋର ରୁ ପାଖାପାଖି ୭୦ ଜଣରୁ ଉର୍ଦ୍ଧ୍ୱ



ପ୍ରତିଯୋଗୀ ଭାଗ ନେଇଥିଲେ । ବିଭିନ୍ନ ଜିଲ୍ଲା ଓ ରାଜ୍ୟରୁ କିଛି ପ୍ରତିଯୋଗୀ ମାନେ ଆସିବା ସମ୍ଭବ ହୋଇନଥିବା ରୁ ସେମାନେ ଅନଲାଇନରେ ନିଜର ଅଡିସନ ଦେଇଥିଲେ । ଆଦିଦେବ ଏଣ୍ଟରଟେନମେଣ୍ଟ ତରଫରୁ ଆୟୋଜିତ ପାରମ୍ପରିକ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଦ୍ୱିତୀୟ ସିଜିନ ର ଅଡିସନ ରେ ମୁଖ୍ୟ ବିଚାରକ ଭାବରେ ଯୋଗଦେଇଥିଲେ ରାଜ୍ୟ ତଥା ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଫ୍ୟାସନ କୋରିଓଗ୍ରାଫର, ନିର୍ଦେଶକ, ଗୃମର,ସୁଧୀର କୁମାର ବାରିକ । ଏହି କାର୍ଯ୍ୟକ୍ରମକୁ ଆଦିଦେବ ଏଣ୍ଟରଟେନମେଣ୍ଟ ର ଅଧ୍ୟକ୍ଷା ଡ଼ଃ.ବନ୍ଦିତା ଶୁଭଦର୍ଶିନୀ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଏହାକୁ ସଫଳ କରିବାରେ ଆଦିଦେବ ଏଣ୍ଟରଟେନମେଣ୍ଟ ପରିବାର ର ସମସ୍ତ ସଦସ୍ୟ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଆମ ଦେଶର କଳା, ଐତିହ୍ୟ ଓ ସଂସ୍କୃତି କୁ କିପରି ଯୁବବର୍ଗ ଙ୍କ ଦ୍ୱାରା ପ୍ରଚାର, ପ୍ରସାର ହେବ ଏବଂ କିପରି ନିଜର ଐତିହ୍ୟ ସଂସ୍କୃତି, ପାରମ୍ପରା କୁ ଉଜ୍ଜୀବିତ କରିବାରେ ଯୁବଗୋଷ୍ଠୀ ଜ୍ଞାନ ଅର୍ଜନ କରିବେ ଏହା ଆଦିଦେବ ଏଣ୍ଟରଟେନମେଣ୍ଟ ର ପ୍ରୟାସ ବୋଲି କହିଥିଲେ ଆଦିଦେବ ପରିବାର ର ଅଧ୍ୟକ୍ଷା ଡ଼ଃ.ବନ୍ଦିତା ଶୁଭଦର୍ଶିନୀ ପଟ୍ଟନାୟକ । ଠିକ ସେହିଭଳି ଆଜିର ଅଡିସନ ରେ ଭାଗ ନେଇଥିବା ପ୍ରତିଭା ମାନଙ୍କ ମଧ୍ୟରେ ରହିଥିବା ଦକ୍ଷତା, ସେମାନଙ୍କୁ ଆସନ୍ତାକାଲି ରାଜ୍ୟ ତଥା ଦେଶରେ ନିଜ ଲୁକ୍କାୟିତ ପ୍ରତିଭା ମାଧ୍ୟମରେ ଜଣେ ଜଣେ ଷ୍ଟାର ହୋଇପାରିବେ ବୋଲି କହିଥିଲେ ସୁନାମାଧନ୍ୟ କୋରିଓଗ୍ରାଫର ସୁଧୀର କୁମାର ବାରିକ । ଆସନ୍ତା ଜାନୁୟାରୀ ୨୩ ତାରିଖ ରେ ଜୟଦେବ ସଦନ ସମ୍ମୁଖ ପଡିଆରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଆଦିଦେବ ଏଣ୍ଟରଟେନମେଣ୍ଟ ର ବହୁ ପ୍ରତିକ୍ଷୀତ ପାରମ୍ପରିକ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ସିଜିନ - ୨ ର ଫାଇନାଲ ଅନୁଷ୍ଠିତ ହେବାନେଇ ଆଦିଦେବ ପରିବାର ତରଫରୁ ସୂଚନା ଦିଆଯାଇଛି ।

ନାଲକୋ ନଗର ରେ ୧୫୧ତମ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ଅନୁଗୋଳ, (ମହାଭାରତ):ନାଲକୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ନାଲକୋ ନଗର, ଅନୁଗୋଳ ଆନୁକୂଲ୍ୟରେ ୧୫୧ତମ ବିର୍ସା ମୁଣ୍ଡା ଜୟନ୍ତୀ ବିର୍ସା ମୁଣ୍ଡା ପାର୍କ ରେ ପାଳନ କରାଯାଇଛି। ସଂଘର ଯୁଗ୍ମ ସମ୍ପାଦକ ବାସିଲ ଏକ୍କା ସ୍ୱାଗତ ଭାଷଣ ସହ ଅତିଥି ମାନଙ୍କ ପରିଚୟ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ କୃଷ୍ଣ ସିଂ ଜଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରଣବ କୁମାର ଦାସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସ ଓ ପି) , ସମ୍ମାନିତ ଅତିଥି ଶ୍ରୀଯୁକ୍ତ ତରୁଣ କୁମାର ତ୍ରିପାଠୀ ସିଜିଏମ ସ୍ପେଲଟର, ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସ୍ୱାଇଁ ସିଜିଏମ (ଓ ଏବଂ ଏମ) ସିପିପି, ଶ୍ରୀଯୁକ୍ତ ଭବାନୀ ଶଙ୍କର ସାହୁ ସିଜିଏମ ,(ସିଆରଜି,ଟି ଏବଂ ସି), ଶ୍ରୀଯୁକ୍ତ ଅମର କୁମାର ସାହୁ ସିଜିଏମ (ଓ ଏବଂ ଏମ) ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟାର୍ପଣ କରି ଥିଲେ। ଅତିଥି ମାନେ ବିର୍ସା ମୁଣ୍ଡାଙ୍କ ଜୀବନୀ,ସାହାସ, ସଂଘର୍ଷ, ଦେଶ ପାଇଁ ବଳିଦାନ , ଆଦିବାସୀ ସଂସ୍କୃତି ଓ ପ୍ରକୃତି ପ୍ରେମକୁ ଆଦର୍ଶ ରୂପେ ଯୁବପିଢୀ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଉଦ୍ୟାନ ବିଭାଗ ତତ୍ତ୍ୱାବଧାନରେ ବିର୍ସା ମୁଣ୍ଡା ପାର୍କ ରେ ଅତିଥି ମାନେ ଗୋଲାପ ଗଛ ରୋପଣ କରିଥିଲେ।ଏହି ପୁଷ୍ପମାଲ୍ୟ ଅର୍ପଣ ଉତ୍ସବରେ ଶୁଭାଶିଷ ପଣ୍ଡା ଡିଜିଏମ (ଏଲ ଏବଂ ଡି), ରତିକାନ୍ତ ପାତ୍ର ଡିଜିଏମ (ଲିଆସନ ଅଧିକାରୀ), ସମସ୍ତ ଶ୍ରମିକ ସଂଘ, ଅଫିସର ଆସୋସିଏସନର କାର୍ଯ୍ୟକର୍ତ୍ତା,ଦେଶାଭଳି ମହିଳା ସଦସ୍ୟାବୃନ୍ଦ,ଅବସର କର୍ମଚାରୀ ଓ ଛୋଟ ପିଲାମାନେ ଯୋଗଦେଇଥିଲେ। ଶେଷରେ ସଂଘର ସହ କୋଷାଧ୍ୟକ୍ଷ ଆଲୋକ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସଂଗଠନ ସମ୍ପାଦକ ରାଜେନ୍ଦ୍ର ନାଏକ, ତ୍ରୈଲୋକ୍ୟ ନାୟକ,ବିର୍ସା ସିଦ୍ଧୁ,ଅକ୍ଷୟ ବଦ୍ରା ,ପଞ୍ଚଦେବ ମୁଣ୍ଡା, ମଙ୍ଗଳ ମୁଣ୍ଡା,ଉପେନ୍ଦ୍ର ବେହେରା, ଯଦୁନାଥ ପ୍ରଧାନ ସହଯୋଗ କରିଥିଲେ।

କଂଗ୍ରେସର ଭୋଟ ବଞ୍ଚାଅ ଦେଶ ବଞ୍ଚାଅ ଅଭିଯାନ ତଥା ଚୌପାଲ ବୈଠକ

ପାରାଦ୍ୱୀପ, (ମହାଭାରତ): ଜାତୀୟ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଭୋଟ ବଞ୍ଚାଅ ଓ ଦେଶ ବଞ୍ଚାଅ ଅଭିଯାନ ତଥା ଚୌପାଲ ବୈଠକ ଅନୁଷ୍ଠିତ ହେଉଛି ।ଏହି ପରିପ୍ରେକ୍ଷୀରେ ନଭେମ୍ବର ୧୫ ତାରିଖ ଦିନ ପାରାଦ୍ୱୀପ କଂଗ୍ରେସ ପକ୍ଷରୁ ୮ ନମ୍ବର ୱାର୍ଡରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କଂଗ୍ରେସ ଜିଲ୍ଲା ସଭାପତି ଦେବ ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସମ୍ପ୍ରତି ଦେଶବ୍ୟାପୀ ସାଧାରଣ ଭୋଟର ମାନଙ୍କୁ ସେମାନଙ୍କ ରାଜନୈତିକ ଅଧିକାର ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ବିଜେପି ସରକାର କିପରି ବେଆଇନ ଭାବେ



ସାଧାରଣ ଭୋଟର ମାନଙ୍କ ନାମ କାଟି ଦେଉଛି ଏବଂ ଲୋକଙ୍କୁ ଭୋଟ ଅଧିକାରରୁ ବଞ୍ଚିତ କରୁଛି ସେ ସମ୍ପର୍କରେ ତଥ୍ୟଗତ ପ୍ରମାଣ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସାଧାରଣ ଜନତାଙ୍କ ଭୋଟ ଦେବା ଅଧିକାର ବଞ୍ଚାଇ ରଖିବା ପାଇଁ ସଚେତନ କରିଥିଲେ। ବିଶେଷକରି ଏସ ଆଇ ଆର ଅଭିଯାନରେ କିପରି ନିଜ ନିଜ ଭୋଟ ଅଧିକାର ସୁରକ୍ଷିତ ରଖିବା ପାଇଁ ପରାମର୍ଶ ଦେଇଥିଲେ ।ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର କିପରି ଶାସକ ଦଳର ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି ତାହା ବର୍ଣ୍ଣନା କରିଥିଲେ ଏବଂ ତାଙ୍କୁ ବହିଷ୍କାର କରିବା ପାଇଁ ଦାବି କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ନେତା ନିରଞ୍ଜନ ନାୟକ, ପାରାଦ୍ୱୀପ ନଗର କଂଗ୍ରେସ ସଭାପତି କେଦାର ନାଥ ବିଶ୍ୱାଳ ,ତ୍ରିନାଥ ମହାନ୍ତି, ଅନିଲି ନାୟକ,ପ୍ରସନ୍ନଜିତ ମାଇତି, କୃପାସିନ୍ଧୁ ଦାସ, ଧରିତ୍ରୀ ସାମଲ, ସସ୍ମିତା ମହାନ୍ତି, ଜ୍ୟୋସ୍ନା ବାହାଦୂର ପ୍ରମୁଖ ଯୋଗ ଦେଇ ଚୌପାଲ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ପାରାଦ୍ୱୀପ ପୌରପାଳିକାର ଶତାଧିକ କର୍ମୀ ଯୋଗ ଦେଇଥିଲେ।

ନିଶାମୁକ୍ତ ଭାରତ ଅଭିଯାନ ବାର୍ତ୍ତା ନେଇ ଫୁଟବଲ୍ ପ୍ରତିଯୋଗିତା

କରଞ୍ଜିଆ, ୧୫/୧୧ (ମହାଭାରତ) ଯୁବପିଢ଼ିଙ୍କୁ ନିଶା କବଳରୁ ଦୂରେଇ ରଖିବା ସହ ନିଶାମୁକ୍ତ ଭାରତ ଗଠନର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ରାଇରଙ୍ଗପୁର ପୁଲିସ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ଏକ ଫୁଟବଲ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଗତକାଲି ରାଇରଙ୍ଗପୁରସ୍ଥିତ ମହୁଲଡିହା ରାଣୀପାଳ ଖେଳପଡ଼ିଆରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇରଙ୍ଗପୁର ପୁଲିସ ଜିଲ୍ଲା ଅଧୀନରେ ଥିବା ୧୪ଟି ଥାନାରୁ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ ଠାକୁରମୁଣ୍ଡା ଓ ତିରିଂ ଦଳ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌ରେ ଠାକୁରମୁଣ୍ଡା ଦଳ ୧-୦ ଗୋଲ୍‌ରେ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଥିଲା।

ବିଜେପି ଜିଲ୍ଲା ସଭାପତିଙ୍କ ଅଧଯକ୍ଷା ପତ୍ନୀ ଅପମାନିତ ନ ଜଣାଇ କାର୍ଡରେ ନାଁ ଛାପି ଅପଦସ୍ତ କଲେ

ନୟାଗଡ଼, (ମହାଭାରତ) : ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ନେଟ୍ ବଲ୍ ପ୍ରତିଯୋଗିତା ୨୦୨୬- ୨୭ (୧୭ ବର୍ଷରୁ କମ୍ ବାଳକ/ବାଳିକା) ରଣପୁର ବ୍ଲକ୍ ଅଧୀନ ରାଜସୁନାଖଳା ସରକାରୀ ଉଚ୍ଚବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ମାତ୍ର ଉଦ୍‌ଯାପନୀ ଉତ୍ସବରେ ନିମନ୍ତ୍ରିତ ଅତିଥି ମାନଙ୍କୁ ନେଇ ଏବେ ଜିଲ୍ଲା ରାଜନୀତି ଉଷ୍ମ ହୋଇଉଠିଛି। ନିମନ୍ତ୍ରଣ କାର୍ଡରେ ମୁଖ୍ୟବକ୍ତା ଭାବେ ରଣପୁର ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରାଙ୍କ ନାଁ ଛପା ହୋଇଛି ସତ ମାତ୍ର ତାଙ୍କୁ ଏ ସଂକ୍ରାନ୍ତରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୌଣସି ପ୍ରକାର ଯୋଗାଯୋଗ କରାଯାଇ ନଥିବା ନେଇ ସେ ଅଭିଯୋଗ କରିଛନ୍ତି। କେବଳ ଏହି ଗୋଟିଏ କାର୍ଯ୍ୟକ୍ରମ ନୁହେଁ, ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପୂର୍ବରୁ ମଧ୍ୟ ଏମିତି ଅପମାନସୂଚକ କାର୍ଯ୍ୟ କରୁଥିବା ନିର୍ମଳା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ସୋମବାର ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିବେ ବୋଲି କହିଛନ୍ତି। ନିର୍ମଳାଙ୍କ ଅଭିଯୋଗ ମୁତାବକ, ଉଦ୍‌ଯାପନୀ ଉତ୍ସବରେ ନିମନ୍ତ୍ରଣ କାର୍ଡରେ ତାଙ୍କ ନାଁ ଛପା ଯାଇଛି। ମାତ୍ର କାର୍ଯ୍ୟକ୍ରମ ପୂର୍ବରୁ ଏ ସଂକ୍ରାନ୍ତରେ ତାଙ୍କ ସହ କେହି ବି ଯୋଗାଯୋଗ କରିନାହାନ୍ତି। ଏହି କାର୍ଯ୍ୟକ୍ରମରେ ତାଙ୍କ ନାଁ ସାମିଲ କରିବା ସମୟରେ ମଧ୍ୟ ତାଙ୍କୁ ପଚରାଯାଇନି। ଆଜି କାର୍ଯ୍ୟକ୍ରମ ଶେଷ



ହେବା ପରେ ସେ ନିମନ୍ତ୍ରଣ କାର୍ଡ ଦେଖିବା ପରେ ନିଜେ ଆଶ୍ଚର୍ଯ୍ୟ ହୋଇ ଯାଇ ଥିଲେ। କେବଳ ଦୋଷ ଛଡ଼ାଇବା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ଏମିତି ଯୋଜନା କରିଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ ମଧ୍ୟ ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି। ଓଲଟା ତାଙ୍କୁ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ନ କରିବାକୁ ଉପରୁ ଚାପ ପଡ଼ିଥିବା ସେ କହିଥିବା ନିର୍ମଳା କହିଛନ୍ତି। ଏହି ଚାପ କିଏ ପକାଉଛି ଏହାର ପର୍ଦ୍ଦାଫାଶ କରାଯାଉ ବୋଲି ସେ ଦାବି କରିଛନ୍ତି। ରଣପୁର ବ୍ଲକ୍ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଏଥିରୁ ଦୂରେଇ ରଖିବା ପାଇଁ ଯେଉଁ ଷଡ଼ଯନ୍ତ୍ର କରାଯାଇଛି। ଏହାର ତୀବ୍ର ବିରୋଧ କରାଯିବ ବୋଲି ନିର୍ମଳା କହିଛନ୍ତି। ନୟାଗଡ଼ ଜିଲ୍ଲାର ଆଠଟି ବ୍ଲକ୍ ମଧ୍ୟରୁ ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଆସନଟି ବିଜେପି ଖାତାକୁ ଯାଇଛି। ନିର୍ମଳାଙ୍କ ସ୍ୱାମୀ ତାପସ ମାର୍ଥା ହେଉଛନ୍ତି ଜିଲ୍ଲା ବିଜେପି ସଭାପତି ବର୍ତ୍ତମାନ ରାଜ୍ୟରେ ବିଜେପି ସରକାରରେ ରହିଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଅଣଦେଖା କରାଯିବା ଘଟଣାକୁ ନିର୍ମଳାଙ୍କ ସମର୍ଥକ ମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଜିଲ୍ଲା ପ୍ରଶାସନର ଏକାଧିକ ବୈଠକରେ ନିର୍ମଳା ଖୋଲା ଖୋଲି ଭାବେ ତାଙ୍କୁ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ କରୁଥିବା ଦେଖିବାକୁ ମିଳୁଛି। ଜିଲ୍ଲାପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ସେ ବାରମ୍ବାର ଦାବି କରି ଆସୁଛନ୍ତି। ତଥାପି କୌଣସି ସୁଫଳ ମିଳୁ ନଥିବାରୁ ବାଧ ହୋଇ ସେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି।

୪୦ କ୍ୱିଣ୍ଟାଲ ପିଡିଏସ୍ ଚାଉଳ ଦୁର୍ନୀତିରେ ନୂଆ ମୋଡ଼ ! ଠିକାଦାର ପିଣ୍ଟୁଙ୍କ ସ୍ୱଷ୍ଟତା ପରେ ବଢ଼ିଲା ସନ୍ଦେହ। ତଦନ୍ତର ପରିଧି ବଢ଼ିବ ନା ଫାଇଲ୍ ଭିତରେ ସବୁ ଚାପିଯିବ ? ଗରିବଙ୍କ ଚାଉଳରେ କାହାର ଖେଳ ? ତଦନ୍ତର ଜାଲରେ ଆସିବେ ଆଉ କେଉଁମାନେ ?



କଟକ , (ମହାଭାରତ) : ୪୦ କ୍ୱିଣ୍ଟାଲ ପି.ଡି.ଏସ୍ ଚାଉଳ ଅନିୟମିତତା ଅଭିଯୋଗକୁ ନେଇ ଏବେ ନୂଆ ମୋଡ଼। ତଦନ୍ତ ଯେତିକି ଆଗକୁ ବଢୁଛି, ସେତିକି ନୂଆ ପ୍ରଶ୍ନ ମୁଣ୍ଡ ଟେକୁଛି। ଚାଉଳ ଠିକାଦାର ପିଣ୍ଟୁଙ୍କ ପ୍ରତିକ୍ରିୟା ଘଟଣାକୁ ଆହୁରି ରୋଚକ କରିଦେଇଛି। ଅଭିଯୋଗକାରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତାଙ୍କୁ ଧୋକା ଦେଇଥିବା କଥା କହି ନିଜ ପକ୍ଷ ରଖୁଛନ୍ତି ପିଣ୍ଟୁ। ଏପରିକି ଚୌଦ୍ୱାର ପୌରପାଳିକା ଅଧୀନରେ ଅନ୍ୟ ପି.ଡି.ଏସ୍ କେନ୍ଦ୍ର ପରିଚାଳନା କରୁଥିବା ପାର୍ବତୀ,ବଉଳେଇ ଓ ବୃନ୍ଦାବତୀ ନାମକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ପଚରାଉଚରା କରାଗଲେ ପ୍ରକୃତ ସତ ସାମ୍ନାକୁ ଆସିବ ବୋଲି ପିଣ୍ଟୁ ପ୍ରକାଶ କରିଛନ୍ତି। ତେବେ ଚାଉଳ ଠିକାଦାର ପିଣ୍ଟୁଙ୍କ ବୟାନ ପରେ ଘଟଣା କେବଳ ଗୋଟିଏ ଗୋଷ୍ଠୀ ମଧ୍ୟରେ ସୀମିତ ରହିନାହିଁ। ଚୌଦ୍ୱାରରେ ଅନ୍ୟ ପି.ଡି.ଏସ୍ କେନ୍ଦ୍ରଗୁଡ଼ିକର କାର୍ଯ୍ୟପ୍ରଣାଳୀ ମଧ୍ୟ ଯାଞ୍ଚ ପରିସରକୁ ଆସିବା ଉଚିତ ବୋଲି ଦାବି ଉଠିଛି। ସବୁଠାରୁ ବଡ଼ ପ୍ରଶ୍ନ, ୪୦ କ୍ୱିଣ୍ଟାଲ ଚାଉଳ ଗଲା କୁଆଡ଼େ ? ଯୋଗାଣ ବ୍ୟବସ୍ଥାରେ ଦାୟିତ୍ୱ କାହାର ଥିଲା ? ଯଦି ଅନ୍ୟ କେନ୍ଦ୍ରରେ ମଧ୍ୟ ଅନିୟମିତତା ରହିଛି, ତେବେ ସେସବୁର ହିସାବ କିଏ ନେବ ? ସାଧାରଣ ହିତାଧିକାରୀଙ୍କ ଚାଉଳକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ତଦନ୍ତ କେବଳ କାଗଜପତ୍ର ଯାଞ୍ଚରେ ସୀମିତ ରହିବ ନା ଗୋଦାମରୁ ବଣ୍ଟନ କେନ୍ଦ୍ର ପର୍ଯ୍ୟନ୍ତ ପ୍ରତ୍ୟେକ ଲିଙ୍କ୍ ଯାଞ୍ଚ ହେବ ? ମହିଳା ଗୋଷ୍ଠୀଙ୍କ ଅଭିଯୋଗ ଏବଂ ଠିକାଦାରଙ୍କ ପ୍ରତିଅଭିଯୋଗ ମଧ୍ୟରେ ପ୍ରକୃତ ସତ କେଉଁଠି ଲୁଚିଛି, ତାହା ଏବେ ତଦନ୍ତର ବିଷୟ। ଚାଉଳର ହିସାବ ମିଳିବ ନା ଦୋଷ ଠେଲାଠେଲିରେ ମାମଲା ଶେଷ ହେବ ? ତଦନ୍ତକାରୀ ଅଧିକାରୀଙ୍କ ନିରପେକ୍ଷତା ଓ ତଦନ୍ତର ଗଭୀରତା ହିଁ ଏହାର ଉତ୍ତର ଦେବ। ନଚେତ୍ ଗରିବଙ୍କ ଚାଉଳର ହିସାବ ଖୋଜୁ ଖୋଜୁ ତଦନ୍ତ ନିଜେ ବାଟବଣା ହୋଇଯିବ।

ଜିଲ୍ଲା ମହୋତ୍ସବ ପ୍ରସ୍ତୁତ ବୈଠକ : ଅଧିକ ଷ୍ଟଲ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ

ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ମହୋତ୍ସବ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ସୃଜନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଡିସେମ୍ବର ୨୪ ରୁ ୨୮ ତାରିଖ ସ୍ଥାନୀୟ ଷ୍ଟାଡିୟମ ଠାରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବରେ ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା ଓ ପୁସ୍ତକ ମେଳା ଆୟୋଜନ କରାଯିବ। ନୟାଗଡ଼ ଜିଲ୍ଲାପାଳ ମଧୁମିତା



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ



ଗଜପତି(ମହାଭାରତ): ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତୀୟ ଜନନାୟକ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମଜୟନ୍ତୀ ଏବଂ ରାଷ୍ଟ୍ରୀୟ ଜନଜାତୀୟ ଗୌରବ ଦିବସ ଅବସରରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଷ୍ଟାଡିୟମ୍ ?ଠାରେ ଜିଲ୍ଲାସ୍ତରିୟ ଜନ ଜାତୀୟ ଦିବସ ପାଳିତ ହୋଇଯାଇଛି । ୧୮୭୫ ମସିହା ନଭେମ୍ବର ୧୫ ତାରିଖରେ ଜନ୍ମଗ୍ରହଣ କରିଥିବା ବିର୍ସା ମୁଣ୍ଡାଙ୍କ ତ୍ୟାଗ, ସାହସ ଓ ଦେଶପ୍ରେମ ଆଜି ମଧ୍ୟ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିବା ସହ ଜନଜାତୀୟ ସମାଜର ବିକାଶ, ସଂସ୍କୃତିର ସୁରକ୍ଷା ଓ ସଶକ୍ତୀକରଣ ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଇଛି । ଏଥିସହ ଓଡ଼ିଶା ମାଟିର ବୀର ଶହୀଦ ଲକ୍ଷ୍ମଣ ନାୟକ, ମାଧୋ ସିଂହ ଓ ଚକରା ବିଶୋଇଙ୍କ ପରି ଅନେକ ଜନଜାତୀୟ ବୀରଙ୍କ ଦେଶପ୍ରେମ ଓ ବଳିଦାନକୁ ମଧ୍ୟ ଶ୍ରଦ୍ଧାର ସହ ସ୍ମରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଅତିଥିମାନେ ଜନଜାତୀୟ ସଂସ୍କୃତି, ପରମ୍ପରା ଓ ଦେଶର ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ବୀରମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ଜନଜାତୀୟ କଳାକାରମାନେ ନିଜର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମୁନୀନ୍ଦ୍ର ହୋନ୍ଦାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀ କାମଦେବ ବଡ଼ନାୟକ, ଏ ସି ଏଫ ,ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଶ୍ରୀ ଅଂଶୁମାନ ମହାପାତ୍ର ,ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ସୋଲମନ ରାଇକା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଛାତ୍ରଛାତ୍ରୀ,ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।ମହାରାଷ୍ଟ୍ରରୁ ଜନଜାତି ଗୌରବ ଦିବସର ସିଧା ପ୍ରସାରଣ କରାଯାଇଥିଲା ।

ଜିଲ୍ଲାସ୍ତରୀୟ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୨ତମ ଜୟନ୍ତୀ

୧୫ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀଙ୍କ ବିଶାଳ ଶୋଭାଯାତ୍ରାରେ କମ୍ପିଲା ପାଟଣାଗଡ଼ ସହର



ପାଟଣାଗଡ଼ (ମହାଭାରତ): ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ଉପଖଣ୍ଡରେ ଆଜି ଜନଜାତି ଗୌରବ ଦିବସ ତଥା ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୨ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି । ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ବଲାଙ୍ଗୀର ପକ୍ଷରୁ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ୧୫ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଓ ପୁରୁଷ ଯୋଗଦେଇ ନିଜର ଏକତା, ପରମ୍ପରା ଓ ସାଂସ୍କୃତିକ ଗୌରବର ପରିଚୟ ଦେଇଥିଲେ । ଆଜି ସକାଳେ ପାଟଣାଗଡ଼ସ୍ଥିତ ରମାଇ ହାଇସ୍କୁଲ ପଡ଼ିଆରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ହଜାର ହଜାର ଆଦିବାସୀ ନିଜର ପାରମ୍ପରିକ ବେଶଭୂଷା ଓ ଅସ୍ତ୍ରଶସ୍ତ୍ର ସହ ଏକତ୍ରିତ ହୋଇଥିଲେ । ପରେ ସେଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଗଡ଼ଭିତର ପଡ଼ିଆ ଅଭିମୁଖେ ଯାତ୍ରା କରିଥିଲା । ଶୋଭାଯାତ୍ରାରେ ଆଦିବାସୀ ମହିଳା ଓ ପୁରୁଷମାନେ ପାରମ୍ପରିକ ପୋଷାକ ପରିଧାନ କରିବା ସହ ମାଦଳ, ଢୋଲ ଓ ବିଭିନ୍ନ ବାଦ୍ୟଯନ୍ତ୍ରର ତାଳେ ତାଳେ ନୃତ୍ୟଗୀତ ପରିବେଷଣ କରିଥିଲେ । ଭଗବାନ ବିର୍ସା ମୁଣ୍ଡାଙ୍କ ଜୟଧ୍ୱନିରେ ସମଗ୍ର ପାଟଣାଗଡ଼ ସହର ପ୍ରକମ୍ପିତ ହୋଇଉଠିଥିଲା । ଗଡ଼ଭିତର ପଡ଼ିଆରେ ଆୟୋଜିତ ମୁଖ୍ୟ ସଭାରେ ବିଭିନ୍ନ ବ୍ଲକରୁ ଆସିଥିବା ଆଦିବାସୀ କଲ୍ୟାଣ ସଂଘର ସଭାପତି, ସମ୍ପାଦକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ବ୍ଲକ ସଭାପତି ଭୁବନେଶ୍ୱର କୁଅଁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ରାଜ୍ୟସଭା ସାଂସଦ ଡ. ନିରଞ୍ଜନ ବିଶି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଆଦିବାସୀ କଲ୍ୟାଣ ସଂଘ ସଭାପତି ରାଜେନ୍ଦ୍ର ରାଉତ, ପାଟଣାଗଡ଼ କର୍ମଚାରୀ ସଂଘ ସଭାପତି ଚନ୍ଦ୍ରଶେଖର ବାଗ, ପାଟଣାଗଡ଼ ଆଦିବାସୀ ଏନ୍ ?ଏସି ସଭାପତି ଚନ୍ଦ୍ରମଣି ଶବର, ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ବନଲତା ମାଝୀ, ଟିଟିଲାଗଡ଼ ସଭାପତି ପଦ୍ମନ ପ୍ରଧାନୀ, ସମ୍ପାଦକ ହେମେନ୍ଦ୍ର ନାଥ ହଂସଦା, ନଗର ସଭାପତି ନିତ୍ୟାନନ୍ଦ ମାଝୀ, ବେଲପଡ଼ା ବ୍ଲକ ସଭାପତି ରସିକ ଧରୁଆ, ତୁରେକେଲା ବ୍ଲକ ସଭାପତି ଚୌବନ କିଶୋର ମାଝୀ, ମୁରିବାହାଲ ସଭାପତି ରାଜୀବ କୁମାର ଭୋଇ, ନାରାଣେନ୍ତ୍ରୀ ଲକ୍ଷ୍ମୀ ଶବର, ଲୋଇସିଂହା ସଭାପତି ଦଶରଥ ଛତ୍ରିଆ, ଦେଓଗାଁ ସଭାପତି ସୁରଥ ଧରୁଆ ଓ ବଙ୍ଗୋମୁଣ୍ଡା ବ୍ଲକ ସଭାପତି ମନୋରଞ୍ଜନ ଭୋଇ ଉପସ୍ଥିତ ଥିଲେ । ସେହିପରି ନିମନ୍ତ୍ରିତ ଅତିଥି ଭାବେ ପାଟଣାଗଡ଼ ତହସିଲଦାର ରୁଦ୍ର ମୋହନ ନାଏକ, ଲୋଇସିଂହା ତହସିଲଦାର ଟିକୁନୁ ପୁଟା ଓ ଅବସରପ୍ରାପ୍ତ କୃଷି ଅଧିକାରୀ ବନମାଳୀ ପୁଟା ଯୋଗଦେଇଥିଲେ । ସଭାରେ ବକ୍ତାମାନେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ, ସଂଘର୍ଷ ଓ ଦେଶ ପାଇଁ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ବ୍ରିଟିଶ ଶାସନ ସମୟରେ ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର, ଶୋଷଣ ଓ ଅନ୍ୟାୟ ବିରୋଧରେ ବିର୍ସା ମୁଣ୍ଡା ଉଲଗୁଲାନ ଅର୍ଥାତ୍ ମହାବିଦ୍ରୋହର ଡାକରା ଦେଇଥିଲେ । ମାତ୍ର ୨୫ ବର୍ଷ ବୟସରେ ଦେଶ ଓ ଆଦିବାସୀ ସମାଜ ପାଇଁ ତାଙ୍କର ତ୍ୟାଗ ତାଙ୍କୁ ଇତିହାସରେ ଅମର କରି ରଖିଛି । ତାଙ୍କର ସାହସ, ସଂଘର୍ଷ, ତ୍ୟାଗ ଓ ଆଦର୍ଶ ଆଜି ମଧ୍ୟ ସମାଜ ପାଇଁ ପ୍ରେରଣାର ଉତ୍ସ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଆଦିବାସୀ ସମାଜର ଶିକ୍ଷା, ସାମାଜିକ ଓ ଆର୍ଥିକ ଉନ୍ନତି ସହ ନିଜର ଭାଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ । ଏଥିସହ ଭଗବାନ ବିର୍ସା ମୁଣ୍ଡାଙ୍କ ସ୍ୱପ୍ନ ଓ ଆଦର୍ଶକୁ ସାକାର କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ । କାର୍ଯ୍ୟକ୍ରମରେ ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ସାରଥୀ ବାଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଦିବାସୀ ହରିଜନ କର୍ମଚାରୀ ସଂଘ ସଭାପତି ଖୁସିରାମ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

ଦଶପଲ୍ଲାରେ ଜିଲ୍ଲା ସ୍ତରୀୟ ଜନଜାତି ଗୌରବ ଦିବସ ପାଳିତ

ଦଶପଲ୍ଲା,(ମହାଭାରତ): ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଦଶପଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ 'ଜନଜାତି ଗୌରବ ଦିବସ' ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ମହାନ ସ୍ୱାଧୀନତା ସଂଗ୍ରାମୀ ତଥା 'ଧରତୀ ଆବା' ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜନ୍ମ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ରୋଜିନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଅନ୍ୟତମ ଅତିଥି ଭାବେ ଦଶପଲ୍ଲାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ବିଡିଓ ଶରତ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ ଚିତ୍ତରଞ୍ଜନ ବେହେରା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତ୍ରିନାଥ ମଲ୍ଲିକ, ଉପାଧ୍ୟକ୍ଷା ସସ୍ମିତା ଦେହୁରୀ, ଅତିରିକ୍ତ ତହସିଲଦାର ସୁକଦେବ ବେହେରା ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ବକ୍ତାମାନେ ବିର୍ସା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନୀ ଓ 'ଆବୁଆ ଦିଶୁମ୍ ଆବୁଆ ରାଜ୍' ଆଦର୍ଶ ଉପରେ ଆଲୋକପାତ କରିବା ସହ ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ହିଁ ଆଦିବାସୀ ସମାଜର ପ୍ରକୃତ ଧର୍ମ ବୋଲି ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସରକାରଙ୍କ ବିଭିନ୍ନ ଜନଜାତି କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ ।

ଶ୍ରୀ ସତ୍ୟନାରାୟଣବ୍ରତ କଥା ପୁସ୍ତକ ଲୋକାର୍ପିତ

ନୂଆପଡା:(ମହାଭାରତ) ଖଡ଼ିଆଳ ରାଜ ଦରବାର ଠାରେ ରାଜକବି ବ୍ରଜରାଜ ସିଂହଦେବଙ୍କ ବିରଚିତ ପୁସ୍ତକ ଶ୍ରୀ ସତ୍ୟନାରାୟଣବ୍ରତ କଥାର ତୃତୀୟ ମୁଦ୍ରଣ ଆଜି ଲୋକାର୍ପିତ ହୋଇଯାଇଛି । ଉକ୍ତ ସମାରୋହରେ ପଟ୍ଟାୟତ ନୀଳ ଲୋହିତ ସିଂହ ଦେଓ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜ୍ୟୋତିର୍ବିଦ ସୁଦର୍ଶନ ଠାକୁର , ଶିକ୍ଷାବିତ୍ ତଥା ଅଧ୍ୟାତ୍ମବାଦୀ ତାରା ପ୍ରସାଦ ଆଚାର୍ଯ୍ୟ , କବି ସନାତନ ମହାନ୍ତି, ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ, ରାଜ ଜ୍ୟୋତିଷ ଗୋବିନ୍ଦ ରଥ ପ୍ରମୁଖ ମଞ୍ଚାସୀନ ରହିଥିଲେ । ସଭାରେ ଅଧ୍ୟାପକ କନକ ବର୍ଦ୍ଧନ ସାହୁ ମଞ୍ଚ ପରିଚାଳନା ସହିତ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବ୍ରଜମୋହନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ପାଲାଗାୟକ କୁନାଲ ଚରଣ ବେହେରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ପ୍ରକାଶ ଥାଉକି, ଉକ୍ତ ପୁସ୍ତକକୁ କବି ନୀଳ ଲୋହିତ ସିଂହ ଦେଓ ଓ ଅଧ୍ୟାପକ କନକ ବର୍ଦ୍ଧନ ସାହୁ ସମ୍ପାଦନ କରିଛନ୍ତି । ସମାରୋହରେ ଖଡ଼ିଆଳ ରାଜା ଦେବ ଦେବ ସିଂହ ଦେଓ , ବିଜୟ କୁମାର ମହାପାତ୍ର , ଚିତ୍ତରଞ୍ଜନ ମିଶ୍ର , ବସନ୍ତ ହୋତା , ମନୋଜ ମୁଣ୍ଡ ,ଜୟରାମ ଯୋଷୀ, ଆସନ୍ଦ ସିଂହ ଦେଓ, ଉପେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

ଅଭୁଲା ସ୍ମୃତିକୁ ମନେ ପକାଇ ଏକାଠି ହେଲେ ପୁରାତନ ଛାତ୍ରଛାତ୍ରୀ



ଧାମନଗର(ମହାଭାରତ)ବନ୍ଧୁତ୍ୱର ମଧୁର ସମ୍ପର୍କ ଓ ଅତୀତର ଅଭୁଲା ସ୍ମୃତିକୁ ପୁଣିଥରେ ମନେ ପକାଇବା ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଇନ୍ଦ୍ରଗୋବିନ୍ଦ ଉଚ୍ଚ ବିଦ୍ୟାଳୟର ୨୦୦୪ ମସିହା ବ୍ୟାଚ୍ ?ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ।ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଦଇପୁର ପଞ୍ଚାୟତ ଅନ୍ତର୍ଗତ ଚୁଡ଼ାକୁଟିସ୍ଥିତ ଇନ୍ଦ୍ରଗୋବିନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ବନ୍ଧୁ ମିଳନ ଉତ୍ସବରେ ବହୁ ପୁରାତନ ଛାତ୍ରଛାତ୍ରୀ ଏକାଠି ହୋଇ ପୁରୁଣା ଦିନର ସ୍ମୃତିକୁ ମନେ ପକାଇଥିଲେ ।ବ୍ୟାଚ୍ ?ର ପୁରାତନ ଛାତ୍ର ତାପସ ନାୟକ, ପ୍ରସନ୍ନ ନାଥ, ରମେଶ ଚନ୍ଦ୍ର ଧଳଙ୍କ ସମେତ ଅନ୍ୟ ସହପାଠୀମାନଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ସୁନ୍ଦର ଭାବେ ସମ୍ପାଦିତ ହୋଇଥିଲା । ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଖଗେଶ୍ୱର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚରଣ ପତି, ଗୟାଧର ଦ୍ୱିବେଦୀ, ନିରାକାର ପଣ୍ଡା, ସୁବାସ ଚନ୍ଦ୍ର ବାରିକ, ରମାକାନ୍ତ ପଣ୍ଡା, ବୃନ୍ଦାବନ ରାଉଳ, ହରିହର ବିଶ୍ୱାଳ, ପ୍ରଶାନ୍ତ ପଣ୍ଡା, ଗଙ୍ଗାଧର ଦେହୁରୀ, ଶିକ୍ଷୟିତ୍ରୀ ମମତା ରାଣୀ ବେହେରା ଓ ପଦ୍ମିନୀ ସେଠୀ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଶିକ୍ଷକମାନେ ବିଦ୍ୟାଳୟରେ ବିତାଇଥିବା ପୁରୁଣା ଦିନର ଅନେକ ଅଭୁଲା ସ୍ମୃତି, ମଜାଦାର ଘଟଣା ଓ ସୁଖଦ ମୁହୂର୍ତ୍ତ ବଖାଣିଥିଲେ । ସେହିପରି ପୁରାତନ ଛାତ୍ରଛାତ୍ରୀମାନେ ମଧ୍ୟ ନିଜ ନିଜର ବିଦ୍ୟାଳୟ ଜୀବନର ସ୍ମୃତି ଓ ସହପାଠୀଙ୍କ ସହ ବିତାଇଥିବା ମଧୁର ମୁହୂର୍ତ୍ତକୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ ।

ଦୀର୍ଘ ବର୍ଷ ପରେ ଗୁରୁ ଓ ଶିଷ୍ୟଙ୍କ ଏହି ମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଏକ ଆତ୍ମୀୟତାପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା । ଶେଷରେ ପୁରାତନ ଛାତ୍ରୀ ନଜାରା ବେଗମ ଧନ୍ୟବାଦ୍ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ସାମୂହିକ ଭୋଜିର ଆୟୋଜନ କରାଯାଇଥିଲା ।ପୁରୁଣା ସମ୍ପର୍କକୁ ନୂଆ ରୂପ ଦେବା ସହ ଗୁରୁଜନଙ୍କ ଆଶୀର୍ବାଦ ଓ ବନ୍ଧୁତ୍ୱର ମଧୁରତାକୁ ଉଜ୍ଜୀବିତ କରିଥିବା ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ସମସ୍ତଙ୍କ ମନରେ ଅଭୁଲା ସ୍ମୃତି ହୋଇ ରହିବ ।

ପାରଳାଖେମୁଣ୍ଡିରେ ଜନଜାତୀୟ ଗୌରବ ଦିବସ ଓ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି (ମହାଭାରତ):ସ୍ଥାନୀୟ ବାଳ-ମୁକୁନ୍ଦ କେନ୍ଦ୍ର ପକ୍ଷରୁ ରବିବାର ଦିନ ଜନଜାତୀୟ ଗୌରବ ଦିବସ ଅବସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମଜୟନ୍ତୀ ସହରର ବିଭିନ୍ନ ସ୍ଥାନରେ ଉତ୍ସାହର ସହ ପାଳିତ ହୋଇଯାଇଛି ।ପ୍ରାତଃକାଳରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଗୁପ୍ତ ବୈଠକ ସ୍ଥଳି ତଥା ଐତିହାସିକ ଶ୍ରୀରସିକରାଜ ମନ୍ଦିର (ପରିଚ୍ଛା ମଠ) ପରିସରରେ କାର୍ତ୍ତିକ ବ୍ରତ ନୀତି ଓ ବାଳ-ମୁକୁନ୍ଦ କେନ୍ଦ୍ରର ଦୈନନ୍ଦିନ ସଂସ୍କାର ସଭା ଅନୁଷ୍ଠିତ ହୋଇଥିଲା । ଏହାପରେ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସଠାରେ ଆନ୍ତେବାସୀ ଛାତ୍ରମାନଙ୍କୁ ନେଇ ଭଗବାନ ବିର୍ସା ମୁଣ୍ଡାଙ୍କ ତିନୋଟି ମୂଳ ଜୀବନ-ଶିକ୍ଷା ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରକୃତି ଓ ବୃକ୍ଷଲତାକୁ ମାଆ ପରି ଭଲପାଇ ପ୍ରଦୂଷଣରୁ ରକ୍ଷା କରିବା, ସମସ୍ତ ପ୍ରକାର ନିଶାଠାରୁ ଦୂରେଇ ରହି ନିଶାମୁକ୍ତ ଓ ସ୍ୱଚ୍ଛ ଜୀବନଶୈଳୀ ଆପଣାଇବା ଏବଂ ଅନ୍ୟାୟ ଆଗରେ ମୁଣ୍ଡ ନନୁଆଁଇ ଆତ୍ମସମ୍ମାନ ଓ ନିର୍ଭୀକତାର ସହ ନିଜ ସଂସ୍କୃତିର ସୁରକ୍ଷା କରିବା ପାଇଁ ଛାତ୍ରମାନଙ୍କୁ ପ୍ରେରଣା ଦିଆଯାଇଥିଲା । ଅପରାହ୍ଣରେ ସ୍ଥାନୀୟ ଅର୍ବାନ ହୋଷ୍ଟେଲ ଛାତ୍ରାବାସଠାରେ ସେଠାକାର କାର୍ଯ୍ୟକର୍ତ୍ତାମାନଙ୍କ ସହାୟତାରେ 'ପ୍ରକୃତି ପ୍ରେମ ଓ ସାହସ' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ବାଳ-ମୁକୁନ୍ଦ କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଯୋଗଦେଇ କହିଥିଲେ ଯେ ଭଗବାନ ବିର୍ସା ମୁଣ୍ଡା କେବଳ ଜଣେ ରାଜନୈତିକ ବିପ୍ଳବୀ ନଥିଲେ, ବରଂ ଜଣେ ମହାନ ସମାଜ ସଂସ୍କାରକ ଥିଲେ । ସେ 'ବିର୍ସାଇତ୍' ନାମକ ଏକ ଶୁଦ୍ଧ

ଖଡ଼ିଆଳରେ ନୂତନ ବସଷ୍ଟାଣ୍ଡ ଉଦ୍‌ଘାଟିତ, ଯାତ୍ରୀଙ୍କୁ ମିଳିବ ଉନ୍ନତ ସୁବିଧା

ନୂଆପଡା:(ମହାଭାରତ) ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟାଇ ନୂଆପଡ଼ା ଜିଲାର ଖଡ଼ିଆଳ ଠାରେ ନୂତନ ବସଷ୍ଟାଣ୍ଡ ରବିବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଓ ବିଶିଷ୍ଟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗଦେଇ ନୂତନ ବସଷ୍ଟାଣ୍ଡର ଶୁଭ ଉଦ୍‌ଘାଟନ କରିଥିଲେ ।ଏହି ନୂତନ ବସଷ୍ଟାଣ୍ଡ ଦ୍ୱାରା ଖଡ଼ିଆଳ ସହର ସମେତ ଆଖପାଖ ଅଞ୍ଚଳର ଯାତ୍ରୀ ଓ ସାଧାରଣ ଲୋକେ ଉନ୍ନତ ଯାତାୟାତ ସୁବିଧା ପାଇପାରିବେ । ଏହାଦ୍ୱାରା ଯାତ୍ରୀଙ୍କ ଦୀର୍ଘଦିନର ସମସ୍ୟା ଦୂର ହେବା ସହ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ୨୦୨୩ ମସିହାରେ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହୋଇଥିଲା । ନୂତନ ବସଷ୍ଟାଣ୍ଡର ଉଦ୍‌ଘାଟନ ପରେ ଖଡ଼ିଆଳ ଅଞ୍ଚଳରେ ଯାତାୟାତ ଓ ପରିବହନ ବ୍ୟବସ୍ଥାରେ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଖଡ଼ି

ଆମେରିକୀୟ ରାଡାର ଉପରେ ଇରାନର ଆକ୍ରମଣ: ଟାର୍ଗେଟ୍‌ରେ ବାହାରିନ୍‌ର ଅଲ୍-ରିଫା ଘାଟି



ତେହରାନ: ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ବାହାରିନ ସ୍ଥିତ ଏକ ସାମରିକ ଘାଟିରେ ଥିବା ଆମେରିକୀୟ ରାଡାର ବ୍ୟବସ୍ଥା ଉପରେ ଡ୍ରୋନ୍ ଆକ୍ରମଣ କରିଛି। ଇରାନର ସରକାରୀ ଗଣମାଧ୍ୟମରେ ପ୍ରସାରିତ ଏକ ବିବୃତି ଅନୁଯାୟୀ, ଆଇଆର୍‌ଜିସି ଏରୋସ୍ପେସ୍ ଫୋର୍ସର ୬ଟି ଡ୍ରୋନ୍ ବାହାରିନର ଅଲ୍-ରିଫା ବାୟୁସେନା ଘାଟିରେ ଥିବା ଆମେରିକୀୟ ବାୟୁ ପ୍ରତିରକ୍ଷା ରାଡାର ବ୍ୟବସ୍ଥାକୁ ଟାର୍ଗେଟ କରିଥିଲା। ଏହାପୂର୍ବରୁ ବାହାରିନର ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଦୁଇଟି ପୃଥକ ସତର୍କ ସୂଚନା ଜାରି କରି ସମ୍ଭାବ୍ୟ ସୁରକ୍ଷା ବିପଦ ବିଷୟରେ ଚେତାବନୀ ଦେଇଥିଲା। ସୂଚନାଯୋଗ୍ୟ, ସେପ୍ଟେମ୍ବର ମାସ ପରଠାରୁ ଏହି ଉପସାଗରୀୟ ଦେଶରେ ଏହା ପ୍ରଥମ ସୁରକ୍ଷା ସତର୍କ ସୂଚନା ଥିଲା। ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରତିଶୋଧ ସ୍ୱରୂପ ରିଫା ବାୟୁସେନା ଘାଟିରେ ଥିବା ଆମେରିକୀୟ ବାୟୁ ପ୍ରତିରକ୍ଷା ରାଡାର ଉପରେ ଆକ୍ରମଣ କରାଯାଇଥିବା ଆଇଆରଜିସି ଦାବି କରିଛି। ଇତିମଧ୍ୟରେ ହର୍ମୁଜ ପ୍ରଣାଳୀ ଏବଂ ଏହାର ଆଖପାଖ ଅଞ୍ଚଳରେ ସାମୁଦ୍ରିକ ମାଇନ୍ ସହ ଧକ୍କା ହେବା ଫଳରେ ତିନୋଟି ତୈଳ ଟ୍ୟାଙ୍କରରେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଛି। ଇରାନର ସରକାରୀ ଗଣମାଧ୍ୟମ 'ଆଇଆର୍‌ଆଇବି'ର ରିପୋର୍ଟ ଅନୁଯାୟୀ, ଆଇଆର୍‌ଜିସି ନୌସେନା କହିଛି ଯେ ବିନା ଅନୁମତିରେ ଏବଂ ନିଜର ନାଭିଗେସନ୍ ଓ ସ୍ୱୟଂଚାଳିତ ଚିହ୍ନଟ ବ୍ୟବସ୍ଥା ବନ୍ଦ ରଖି ଗୁପ୍ତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ଦୁଇଟି ତୈଳ ଟ୍ୟାଙ୍କର ସାମୁଦ୍ରିକ ମାଇନ୍ ସଂସ୍ପର୍ଶରେ ଆସି ଜଳିଯାଇଛି। ଏହି ବିସ୍ଫୋରଣ ପରେ ଗୁପ୍ତ ଭାବେ ପ୍ରଣାଳୀ ପାର ହେବାକୁ ଚେଷ୍ଟା କରୁଥିବା ଅନ୍ୟ ଦୁଇଟି ଟ୍ୟାଙ୍କର ଆଇଆର୍‌ଜିସିର ନୌସେନା ଟ୍ରାଫିକ୍ ନିୟନ୍ତ୍ରଣ କେନ୍ଦ୍ରର ଚେତାବନୀ ଶୁଣି ପାରସ୍ୟ ଉପସାଗର ଜଳରାଶିକୁ ଫେରିଯାଇଥିବା ଦାବି କରାଯାଇଛି। ସେହିପରି ସଶସ୍ତ୍ର ବାହିନୀର ନୌସେନା ପକ୍ଷରୁ ପୂର୍ବରୁ ଜାରି ଏକ ପୃଥକ ବିବୃତିରେ କୁହାଯାଇଛି ଯେ ହର୍ମୁଜ ପ୍ରଣାଳୀର ପୂର୍ବ ଦିଗରେ ନିଷିଦ୍ଧ ତଥା ଅସୁରକ୍ଷିତ ଅଞ୍ଚଳରେ ଟ୍ରାକିଂ ବ୍ୟବସ୍ଥା ବନ୍ଦ କରି ଚଳାଚଳ କରୁଥିବା ଅନ୍ୟ ଏକ ତୈଳ ଟ୍ୟାଙ୍କର ସାମୁଦ୍ରିକ ମାଇନ୍ ସହ ଧକ୍କା ହୋଇ ଜଳିଯିବା ସହ ଅଟକି ରହିଛି। ନିଷିଦ୍ଧ ସାମୁଦ୍ରିକ ଅଞ୍ଚଳରେ ପ୍ରବେଶ କରୁଥିବା ଯେକୌଣସି ଜାହାଜର ସମାନ ପରିଣାମ ହେବ ବୋଲି ନୌସେନା ଚେତାବନୀ ଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମିଥ୍ୟା ଆଶ୍ୱାସନା ଉପରେ ଭରସା କରି ଟ୍ୟାଙ୍କର ମାଲିକମାନେ ନିଜର ପୁଞ୍ଜିକୁ ନିଆଁ ଭିତରକୁ ଠେଲି ଦେଉଛନ୍ତି ବୋଲି ଇରାନ ନେସେନା କହିଛି।

ଆତ୍ମଜୀବନୀ 'ପ୍ରମିସ୍ ମି, ଆମେରିକା'ରେ ନେତାନ୍ୟାହୁଙ୍କୁ ବିଡେନଙ୍କ ତୀବ୍ର କଟାକ୍ଷ



ୱାସିଂଟନ: ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବିଡେନ୍ ନିଜ ଆତ୍ମଜୀବନୀକୁ ନେଇ ପୁଣି ଥରେ ଚର୍ଚ୍ଚାରେ ଅଛନ୍ତି। ତାଙ୍କ ଆତ୍ମଜୀବନୀ 'ପ୍ରମିସ୍ ମି, ଆମେରିକା' ପୁସ୍ତକରେ ବିଡେନ୍ ଗାଜା ଯୁଦ୍ଧରେ ସାଧାରଣ ନାଗରିକଙ୍କୁ ହତ୍ୟାକୁ ନେଇ ଇସ୍ରାଏଲର କାମଚଳା ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ତୀବ୍ର କଟାକ୍ଷ କରିଛନ୍ତି। ଗାଜାରେ ସାଧାରଣ ଲୋକଙ୍କ ମୃତ୍ୟୁ କମାଇବାକୁ ନେତାନ୍ୟାହୁ ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ, କିନ୍ତୁ ପରେ ଇସ୍ରାଏଲ୍‌ର ସାମରିକ ଆକ୍ରମଣରେ ଆହୁରି ଅନେକ ନିରୀହ ଲୋକଙ୍କ ଜୀବନ ଯାଉଥିଲା। ପୁସ୍ତକରେ ବାଇଡେନ୍ ଲେଖିଛନ୍ତି, ଯୁଦ୍ଧ ଆରମ୍ଭରୁ ସେ ନେତାନ୍ୟାହୁଙ୍କୁ ବାରମ୍ବାର ଫୋନ୍ କରି ନିରୀହ ଲୋକଙ୍କ ଜୀବନ ରକ୍ଷା ପାଇଁ ସତର୍କତା ଅବଲମ୍ବନ କରିବାକୁ କହିଥିଲେ। ଅଧିକ ନାଗରିକଙ୍କ ମୃତ୍ୟୁ ଇସ୍ରାଏଲ୍‌ର ଭାବମୂର୍ତ୍ତି ଓ ଆମେରିକାର ସମର୍ଥନକୁ କ୍ଷତି ପହଞ୍ଚାଉଥିବା କଥା ନେତାନ୍ୟାହୁ ମଧ୍ୟ ସ୍ୱୀକାର କରିଥିଲେ। ହେଲେ ପ୍ରତିଶ୍ରୁତି ପରେ ବି ଆକ୍ରମଣ ଜାରି ରହିଥିଲା ବୋଲି ବାଇଡେନ୍ ଲେଖିଛନ୍ତି। ନେତାନ୍ୟାହୁ ନିଜର ରାଜନୈତିକ ସ୍ୱାର୍ଥକୁ ଇସ୍ରାଏଲ୍‌ର ଦୀର୍ଘମିଆଦୀ ହିତଠାରୁ ଅଧିକ ଗୁରୁତ୍ୱ ଦେଉଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ନଭେମ୍ବର ୧୭ରେ ପ୍ରକାଶ ପାଇବାକୁ ଥିବା ଏହି ପୁସ୍ତକର କିଛି ଅଂଶ ପୂର୍ବରୁ ପ୍ରକାଶ ପାଇଛି। ୨୦୨୩ ଅକ୍ଟୋବର ୭ରେ ହମାସ୍‌ର ଆକ୍ରମଣ ପରେ ଆରମ୍ଭ ହୋଇଥିବା ଯୁଦ୍ଧରେ ପାଲେଷ୍ଟାଇନ୍‌ର ନିରୀହ ଲୋକଙ୍କ ମୃତ୍ୟୁକୁ ନେଇ ବାଇଡେନ୍‌ଙ୍କ ଏହି ମନ୍ତବ୍ୟ ଏବେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ସୃଷ୍ଟି କରିଛି। ବାଇଡେନ୍ କହିଛନ୍ତି, ମୁଁ ବୁଝିପାରୁଥିଲି ଯେ ନେତାନ୍ୟାହୁ କଠୋର ଚାପରେ କାମ କରୁଛନ୍ତି, କିନ୍ତୁ ଜଣେ ରାଜନେତାଙ୍କ ପରି ଚିନ୍ତା କରିବାରେ ଓ କେବଳ ନିଜର କ୍ଷଣସ୍ଥାୟୀ ରାଜନୈତିକ ଆବଶ୍ୟକତା ନୁହେଁ, ଇସ୍ରାଏଲର ଦୀର୍ଘକାଳୀନ ସ୍ୱାର୍ଥକୁ ସୁରକ୍ଷା କରିବାରେ ତାଙ୍କର ବିଫଳତା ମୋତେ ହତାଶ କରିଥିଲା। ଗାଜାରେ ନାଗରିକଙ୍କ ମୃତ୍ୟୁ ବୃଦ୍ଧି ସତ୍ତ୍ୱେ ଇସ୍ରାଏଲକୁ ସମର୍ଥନ ନେଇ ବିଡେନ୍‌ଙ୍କୁ ତାଙ୍କ ନିଜ ଡେମୋକ୍ରାଟିକ୍ ପାର୍ଟିରୁ ମଧ୍ୟ ତୀବ୍ର ସମାଲୋଚନାର ସ୍ୱୀକାର ହେବାକୁ ପଡ଼ିଥିଲା। ଆତ୍ମଜୀବନୀରେ ନେତାନ୍ୟାହୁଙ୍କ ସମାଲୋଚନା ବ୍ୟତୀତ, ବିଡେନ ୨୦୨୪ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଦ୍ୱିତୀୟ ଥର ପାଇଁ ପ୍ରାର୍ଥୀ ହେବା ନିଷ୍ପତ୍ତିର ମଧ୍ୟ ପକ୍ଷ ରଖିଛନ୍ତି।

ସାବରମତୀ ଏକ୍ସପ୍ରେସ୍ ଅଗ୍ନିକାଣ୍ଡ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା: ପୂର୍ବତନ ସିବିଆଇ ମୁଖ୍ୟ




ବେଙ୍ଗାଲୁରୁ: ୨୦୦୨ ମସିହାର ଗୋଧ୍ରା ସାବରମତୀ ଏକ୍ସପ୍ରେସ୍ ଅଗ୍ନିକାଣ୍ଡ ଏକ ପୂର୍ବ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା। ଭାରତକୁ ଅସ୍ଥିର କରିବା ଓ ସାମ୍ପ୍ରଦାୟିକ ଅଶାନ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ସୀମାପାରରୁ ଏହି ଷଡ଼ଯନ୍ତ୍ର ରଚାଯାଇଥିଲା। ଏହାର ବିସ୍ତୃତ ତଦନ୍ତ ହେବା ସହ ଅଦାଲତ ମଧ୍ୟ ଦୋଷୀଙ୍କୁ ଦଣ୍ଡିତ କରିଛନ୍ତି ବୋଲି କହିଛନ୍ତି ପୂର୍ବତନ ସିବିଆଇ ନିର୍ଦ୍ଦେଶକ ରାକେଶ ଅସ୍ଥାନା। କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ତାଙ୍କ ଆତ୍ମଜୀବନୀରେ ଏହି ଅଗ୍ନିକାଣ୍ଡର କାରଣ ବିବାଦୀୟ ବୋଲି ଲେଖିବା ପରେ ଅସ୍ଥାନା ଏହାର ଜବାବ ଦେଇଛନ୍ତି। ଶନିବାର ଗଣମାଧ୍ୟମକୁ ଏକ ସାକ୍ଷାତ୍କାର ଦେଇ ଅସ୍ଥାନା କହିଛନ୍ତି, ଗୋଧ୍ରାକୁ ଏହି ଷଡ଼ଯନ୍ତ୍ର ପାଇଁ ଚୟନ କରାଯାଇଥିଲା। ଏହି ଅଞ୍ଚଳର ପୂର୍ବ ସାମ୍ପ୍ରଦାୟିକ ଇତିହାସ ଓ କରାଚୀର ନିକଟତାକୁ ଷଡ଼ଯନ୍ତ୍ରକାରୀମାନେ ବିଚାରକୁ ନେଇଥିଲେ। ସେହି ସମୟରେ ଗୁଇନ୍ଦା ସଂସ୍ଥା ର' ଓ ଆଇବି ପକ୍ଷରୁ ସୀମାପାର ଷଡ଼ଯନ୍ତ୍ର ସମ୍ପର୍କରେ ସତର୍କ ସୂଚନା ମିଳିଥିଲା। ଗୁଜରାଟ ସମେତ ସମଗ୍ର ଦେଶକୁ ସତର୍କ ରଖାଯାଇଥିଲା ବୋଲି ସେ କହିଛନ୍ତି। ଅସ୍ଥାନା ସେତେବେଳେ ଗୁଜରାଟ ପୁଲିସର ଅପରାଧ ତଦନ୍ତ ବିଭାଗର ଡିଆଇଜି ଥିଲେ। ସାବରମତୀ ଏକ୍ସପ୍ରେସ୍ ଅଗ୍ନିକାଣ୍ଡ ଓ ପରବର୍ତ୍ତୀ ଗୋଧ୍ରା ଦଙ୍ଗାର ତଦନ୍ତ ପାଇଁ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି)ର ନେତୃତ୍ୱ ତାଙ୍କୁ ଦିଆଯାଇଥିଲା। ତାଙ୍କ ଅନୁଯାୟୀ, ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଗଠିତ ଉଚ୍ଚର ଆର୍.କେ. ରାଘବନ୍‌ଙ୍କ ନେତୃତ୍ୱାଧୀନ ଏସ୍‌ଆଇଟି ଗୁଜରାଟ ଏସ୍‌ଆଇଟିର ତଦନ୍ତରେ କୌଣସି ତ୍ରୁଟି ପାଇନଥିଲା। ନାନାବତୀ କମିସନ ମଧ୍ୟ ଅନୁରୂପ ନିଷ୍କର୍ଷରେ ପହଞ୍ଚିଥିଲେ ବୋଲି ସେ ଦାବି କରିଛନ୍ତି। ତଦନ୍ତରେ ଟ୍ରେନ୍‌ର ଏସ୍-୬ ବଗିକୁ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଯାଇଥିବା ଏବଂ ଏଥିପାଇଁ ଜ୍ୱଳନଶୀଳ ପଦାର୍ଥ ବ୍ୟବହାର ହୋଇଥିବା ପ୍ରମାଣ ମିଳିଥିଲା ବୋଲି ଅସ୍ଥାନା କହିଛନ୍ତି। ତାଙ୍କ ମତରେ, ଘଟଣାର ପୂର୍ବ ରାତିରେ ଅମନ୍ ଲଜ୍‌ରେ ଷଡ଼ଯନ୍ତ୍ର ରଚାଯାଇଥିଲା। ଫରେନ୍ସିକ୍ ରିପୋର୍ଟ ଓ ସାକ୍ଷୀଙ୍କ ବୟାନ ଆଧାରରେ ନିମ୍ନ ଅଦାଲତ ଦୋଷୀଙ୍କୁ ଦଣ୍ଡିତ କରିଥିଲେ ଏବଂ ହାଇକୋର୍ଟ ମଧ୍ୟ ଦଣ୍ଡାଦେଶକୁ କାଏମ ରଖିଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୨ ଫେବ୍ରୁଆରି ୨୭ରେ ଗୋଧ୍ରା ଷ୍ଟେସନ୍ ନିକଟରେ ସାବରମତୀ ଏକ୍ସପ୍ରେସ୍‌ର ଏସ୍-୬ ବଗିରେ ନିଆଁ ଲାଗି ୫୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ଗୁଜରାଟର ବିଭିନ୍ନ ଅଞ୍ଚଳରେ ସାମ୍ପ୍ରଦାୟିକ ଦଙ୍ଗା ଘଟିଥିଲା। ଏହି ମାମଲାରେ ଅଦାଲତଙ୍କ ରାୟ ଓ ଅଭିଯୁକ୍ତଙ୍କ ଦଣ୍ଡାଦେଶ ସତ୍ତ୍ୱେ ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ ଏବେ ନୂଆ ବିବାଦ ସୃଷ୍ଟି ହୋଇଛି।

ଜେନସେନ୍‌ଙ୍କ ପୁନଃଅବସ୍ଥାପିତ ଦାବି ଜୋର୍ ଧରିଲା

ନୂଆଦିଲ୍ଲୀ: ଏନ୍‌ଭିଡିଆର ସହ ପ୍ରତିଷ୍ଠାତା ତଥା ପୂର୍ବତନ ସିଇଓ ଜେନସେନ୍ ହୁଆଙ୍ଗଙ୍କୁ ପୁନଃଅବସ୍ଥାପିତ କରିବା ପାଇଁ ଦାବି ଜୋର୍ ଧରିଛି। ଏଥିପାଇଁ ନିକଟରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଉକ୍ତ ଅଭିଯାନକୁ ସମର୍ଥନ ବଢ଼ିବାରେ ଲାଗିଛି। 'ଷ୍ଟାଣ୍ଡ ୱିଥ୍ ଜେନସେନ୍' ନାମକ କ୍ୟାମ୍ପେନ ୱେବସାଇଟ୍‌ରେ ଚାଲିଥିବା ଏହି ଅଭିଯାନକୁ ରବିବାର ସନ୍ଧ୍ୟା ସୁଦ୍ଧା ୧,୪୭,୫୦୮ ଜଣଙ୍କ ସମର୍ଥନ ମିଳିଛି। ଦସ୍ତଖତ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଏନ୍‌ଭିଡିଆରେ ବର୍ତ୍ତମାନ କାର୍ଯ୍ୟ କରୁଥିବା ୭୩୦୭ ଜଣ କର୍ମଚାରୀ ରହିଛନ୍ତି। ଏନ୍‌ଭିଡିଆରେ ପ୍ରାୟ ୪୨ ହଜାର କର୍ମଚାରୀ କାମ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୧୭.୪୦ ପ୍ରତିଶତ ଜେନସେନ୍‌ଙ୍କୁ ସମର୍ଥନ କରିଛନ୍ତି। ଏଥିସହିତ ୧୩୬୧ ଜଣ ପୂର୍ବତନ କର୍ମଚାରୀ, ୭୮,୬୭୭ ଜଣ ସେୟାରଧାରକ ଏବଂ ୬୦,୨୩୫ ଜଣ ଅନ୍ୟ ସମର୍ଥକ ମଧ୍ୟ ତାଙ୍କୁ ଫେରାଇ ଆଣିବା ଲାଗି ବାହାରିଥିବା ୱେବସାଇଟ୍‌ର ଡିସପ୍ଲେ ବୋର୍ଡରୁ ଜଣାଯାଇଛି। ହୁଆଙ୍ଗଙ୍କ ସପକ୍ଷରେ ପ୍ରଯୁକ୍ତି କ୍ଷେତ୍ରର ଅନ୍ୟ କେତେଜଣ ବିଶିଷ୍ଟ ବ୍ୟକ୍ତି ବି ବାହାରିଛନ୍ତି। ସେମାନଙ୍କ ମଧ୍ୟରେ ଟେସ୍‌ଲା ଓ ସ୍ପେସଏକ୍ସ ସିଇଓ ଏଲନ୍ ମସ୍କ, ରେପ୍ଲିଟ୍ ସିଇଓ ଅମଜାଦ ମସଦ ଏବଂ ଏପିକ୍ ଗେମ୍ସ ସିଇଓ ଟିମ୍ ସ୍ୱିନେ ଅନ୍ୟତମ। ମସ୍କ ଖୋଲାଖୋଲି ସାମାଜିକ ଗଣମାଧ୍ୟମରେ ଜେନସେନ୍‌ଙ୍କୁ ପୁନଃଅବସ୍ଥାପିତ କରିବା ପାଇଁ ଦୃଢ଼ ମତ ରଖି ସାରିଛନ୍ତି। ବୋର୍ଡ ନିକଟରେ ଏହି ଅଭିଯାନ ମାଧ୍ୟମରେ ମୁଖ୍ୟତଃ ୩ଟି ଦାବି ରଖାଯାଇଛି। ସେଗୁଡ଼ିକ ହେଲା ସ୍ୱାଧୀନ ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ହୁଆଙ୍ଗଙ୍କୁ ପୁନଃଅବସ୍ଥାପିତ କରିବା। ଏଥିସହିତ ତାଙ୍କର ନିରପେକ୍ଷ ଶୁଣାଣି କରିବା ଏବଂ ନିଆଯିବାକୁ ଥିବା ନିଷ୍ପତ୍ତି ସମ୍ପର୍କରେ ଠିକ୍ ସମୟରେ ସାଧାରଣରେ ସୂଚନା ଦେବା ଓ ତା ପଛର ପ୍ରମାଣ ଦେବାଲାଗି କୁହାଯାଇଛି। ଜେନସେନ୍‌ଙ୍କୁ ଫେରାଇ ଆଣିବା ଲାଗି ଚାଲିଥିବା ଅଭିଯାନ ମଧ୍ୟ ସ୍ୱାଧୀନ। ଏଥିରେ ଏନ୍‌ଭିଡିଆ କିମ୍ବା ହୁଆଙ୍ଗଙ୍କର କେଣସି ସମ୍ପର୍କ ବା ସ୍ୱୀକୃତି ନାହିଁ। ନଭେମ୍ବର ୧୨ ତାରିଖରେ ଜେନସେନ୍ କମ୍ପାନିର ସଭାପତି, ସିଇଓ ଏବଂ ବୋର୍ଡ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ କମ୍ପାନିର ସିଏଫ୍‌ଓ କୋଲେଟ୍ କ୍ରେସ୍‌ଙ୍କୁ ଅନ୍ତରୀଣ ସିଇଓ ନିଯୁକ୍ତ କରାଯାଇଛି। ଜଣେ ସ୍ଥାୟୀ ସିଇଓ ନିଯୁକ୍ତି ପାଇଁ କମ୍ପାନି ଉଦ୍ୟମ ଆରମ୍ଭ କରିଦେଇଛି। ଜେନସେନ୍ ତାଙ୍କର ଅନ୍ୟ ଦୁଇ ବନ୍ଧୁଙ୍କ ସହ ମିଶି ୧୯୯୩ ମସିହାରେ ଏନ୍‌ଭିଡିଆ ସ୍ଥାପନ କରିଥିଲେ। ୩ୀ ଦଶନ୍ଧିରୁ ଅଧିକ ସମୟ ଧରି ସେ କମ୍ପାନିର ନେତୃତ୍ୱ ନେଇଥିଲେ।

'ଆଉ ଥରେ ଭୁଲ୍ କଲେ ଯୁଦ୍ଧ କେଉଁଠି ହେବ ଆମେ ସ୍ଥିର କରିବୁ' ଆମେରିକାକୁ ଇରାନର ଚେତାବନୀ



ତେହେରାନ: ଆମେରିକାଆଉ ଥରେ ଭୁଲ୍ କଲେ ଯୁଦ୍ଧ କେଉଁଠି ହେବ ତାହା ଇରାନର ସଶସ୍ତ୍ର ବାହିନୀ ସ୍ଥିର କରିବେ ବୋଲି ଚେତାବନୀ ଦେଇଛନ୍ତି ଇରାନର ସଂସଦ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍। ଆମେରିକା ପୁଣି ଆକ୍ରମଣ କଲେ ଏହାର ଜବାବ ଦେବାକୁ ଇରାନର ସାମରିକ ବାହିନୀ ପ୍ରସ୍ତୁତ ଥିବା ସେ କହିଛନ୍ତି। ତେବେ ଆମେରିକା ଇରାନର ୭ଟି ସର୍ତ୍ତ ଗ୍ରହଣ କଲେ ଆଲୋଚନା ମାଧ୍ୟମରେ ଚୁକ୍ତିର ରାସ୍ତା ଖୋଲିବ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି। ରବିବାର ଇରାନ ସଂସଦର ଏକ ଖୋଲା ଅଧିବେଶନରେ ଉଦ୍‌ବୋଧନ ଦେଇ ଗାଲିବାଫ୍ କହିଥିଲେ, ଆମେରିକା ଆଲୋଚନାର ପଥ ବାଛୁ କି ଯୁଦ୍ଧର ପଥ, ଏଥିରେ ଇରାନର କିଛି ଯାଏ ଆସେ ନାହିଁ। ତେହେରାନର ୭ଟି ଯୁକ୍ତିଯୁକ୍ତ ସର୍ତ୍ତକୁ ୱାସିଂଟନ ଗ୍ରହଣ କଲେ ଚୁକ୍ତି ପାଇଁ ଦ୍ୱାର ଖୋଲା ରହିବ। ଅନ୍ୟଥା ଆମେରିକା ଆଉ ଏକ ଭୁଲ୍ କଲେ ଯୁଦ୍ଧର ଭୌଗୋଳିକ ସ୍ଥିତି ଇରାନର ସଶସ୍ତ୍ର ବାହିନୀ ନିର୍ଦ୍ଧାରଣ କରିବେ। ଇରାନ ଆଉ ଦୀର୍ଘଦିନ ଧରି ଯୁଦ୍ଧ ଓ ଶାନ୍ତି ମଧ୍ୟବର୍ତ୍ତୀ ଅନିଶ୍ଚିତ ସ୍ଥିତିରେ ରହିବାକୁ ଚାହୁନାହିଁ ବୋଲି ସେ କହିଛନ୍ତି। ଗାଲିବାଫ୍‌ଙ୍କ ଏହି ବୟାନ ଏପରି ସମୟରେ ଆସିଛି, ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ପୁଣି ଆକ୍ରମଣ କରିବା ନେଇ ଧମକ ଦେବା ସହ ଯୁଦ୍ଧ ବନ୍ଦ କରିବାର ସଙ୍କେତ ମଧ୍ୟ ଦେଉଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ଦୁଇ ସପ୍ତାହ ମଧ୍ୟରେ ଟ୍ରମ୍ପ ସାଉଦି ଆରବର ଯୁବରାଜ ମହମ୍ମଦ ବିନ୍ ସଲମାନ୍ ଓ ତୁର୍କୀର ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଡୋଗାନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଉଭୟ ନେତା ଇରାନ ଉପରେ ପୁଣି ଆକ୍ରମଣ ନ କରିବାକୁ ଟ୍ରମ୍ପଙ୍କୁ ପରାମର୍ଶ ଦେଇଥିବା ଆମେରିକୀୟ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଅକ୍ଟୋବର ୩୧ରେ ଟ୍ରମ୍ପ ସାଉଦି ଯୁବରାଜଙ୍କୁ ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନ ପରେ ଇରାନ ଉପରେ ଆକ୍ରମଣ କରିବା ଯୋଜନା ସମ୍ପର୍କରେ କହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। କିନ୍ତୁ ଇରାନ ଉପରେ ଲାଗୁ ହୋଇଥିବା ଆର୍ଥିକ କଟକଣା ପ୍ରଭାବ ପକାଉଥିବା ଦର୍ଶାଇ ସାଉଦି ଯୁବରାଜ ତାଙ୍କୁ ଆକ୍ରମଣରୁ ବିରତ ରହିବାକୁ ଅନୁରୋଧ କରିଥିଲେ। ଏପଟେ ଆମେରିକା ମଧ୍ୟପ୍ରାଚ୍ୟରେ ନିଜର ସାମରିକ ଉପସ୍ଥିତି ବଢ଼ାଇବାକୁ ପ୍ରସ୍ତୁତି ଚଳାଇଛି। ୟୁଏସ୍‌ଏସ୍ ଥିଓଡୋର ରୁଜଭେଲ୍ଟ ବିମାନବାହୀ ଯୁଦ୍ଧଜାହାଜ ଏହି ଅଞ୍ଚଳରେ ପହଞ୍ଚିବାକୁ ଯାଉଛି। ଆବଶ୍ୟକ ପଡ଼ିଲେ ତୃତୀୟ ବିମାନବାହୀ ଯୁଦ୍ଧଜାହାଜକୁ ମଧ୍ୟ ଏଠାକୁ ପଠାଯାଇପାରେ। ଇରାନର ଭୂତଳ ପରମାଣୁ କେନ୍ଦ୍ରଗୁଡ଼ିକ ଉପରେ ପୁଣି ଆକ୍ରମଣ କରିବାର ବିକଳ୍ପ ମଧ୍ୟ ଆମେରିକା ବିଚାର କରୁଥିବା ରିପୋର୍ଟରେ କୁହାଯାଇଛି।

ରାଜସ୍ଥାନ ରେଳଧାରଣା ବିସ୍ଫୋରଣ ମାମଲା: ପାକିସ୍ତାନ ସହ ସମ୍ପର୍କ ଥିବା ୨ ଅଭିଯୁକ୍ତ ପଞ୍ଜାବରୁ ଗିରଫ, ୩ ସହଯୋଗୀ ଅଟକ



ଚଣ୍ଡୀଗଡ଼: ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲ୍ଲାରେ ରେଳଧାରଣା ଉପରେ ହୋଇଥିବା ବିସ୍ଫୋରଣ ମାମଲାରେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ସମ୍ପୃକ୍ତି ଥିବା ସନ୍ଦେହ କରିଛି ପୁଲିସ। ଏହି ଘଟଣାରେ ପଞ୍ଜାବର ଗୁରଦାସପୁରରୁ ଜଣେ ମହିଳାଙ୍କ ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇଜଣ ହେଲେ ୨୧ ବର୍ଷୀୟା ମହକଦୀପ କୌର ଓ ୨୨ ବର୍ଷୀୟ ଦବିନ୍ଦର ସିଂହ। ରାଜସ୍ଥାନ ଆତଙ୍କବାଦ ନିରୋଧୀ ଦଳ (ଏଟିଏସ୍), ଶ୍ରୀଗଙ୍ଗାନଗର ପୁଲିସ ଓ ପଞ୍ଜାବ ପୁଲିସର ମିଳିତ ଅଭିଯାନରେ ଶନିବାର ଏହି ଗିରଫଦାରି ହୋଇଛି। ଏହାସହ ଅଭିଯୁକ୍ତଙ୍କୁ ସହାୟତା କରିଥିବା ସନ୍ଦେହରେ ଆଉ ତିନିଜଣଙ୍କୁ ଅଟକ ରଖାଯାଇଛି। ପୁଲିସର ସୂଚନା ଅନୁଯାୟୀ, ମହକଦୀପ ପାକିସ୍ତାନରେ ଥିବା ଦୁଇଜଣ ହ୍ୟାଣ୍ଡଲର୍‌ଙ୍କ ସମ୍ପର୍କରେ ଥିଲେ। ସେମାନଙ୍କ ମଧ୍ୟରୁ ଜଣକର ନାମ 'ଚାଚା' ଓ ଅନ୍ୟଜଣଙ୍କ ନାମ 'ଶାହ' ବୋଲି ଜଣାପଡ଼ିଛି। ଉଭୟ ତାଙ୍କ

ଭୁବନେଶ୍ୱର, ସୋମବାର ୧୬ ନଭେମ୍ବର ୨୦୨୬ ମଇଦାନ୍
Bhubaneswar, Monday 16 November 2026
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ

ଟ୍ୱେଣ୍ଟି-୨୦ ପରେ ଦିନିକିଆ ସିରିଜ୍ କବ୍‌ଜା

ପଞ୍ଚମ ଦିନିକିଆ ଜିତିବା ୩-୧ରେ ଭାରତ ବିଜୟୀ, ଭାରତ ୨୦୯/୧୦, ନ୍ୟୁଜିଲାଣ୍ଡ ୧୮୭/୧୦, ନ୍ୟୁଜିଲ୍ୟାଣ୍ଡର ୭ ବର୍ଷର ରେକର୍ଡ ଭାଙ୍ଗିଲା

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି):: ଚତୁର୍ଥ ଦିନିକିଆର ଲଜ୍ଜାଜନକ ପରାଜୟର ପ୍ରତିଶୋଧ ନେଲା ଭାରତ। ପଞ୍ଚମ ଦିନିକିଆରେ ନ୍ୟୁଜିଲ୍ୟାଣ୍ଡକୁ କଲା ପରାସ୍ତ। ପଞ୍ଚମ ଦିନିକିଆରେ ପରାସ୍ତ ହେବା ସହିତ ସିରିଜ୍ ହାରିଯାଇଛି ନ୍ୟୁଜିଲ୍ୟାଣ୍ଡ। ଘରୋଇ ଦଳ ୨୨ ରନ୍‌ରେ ଭାରତଠାରୁ ହାରିଯାଇଛି। ଏହା ସହିତ ଦୀର୍ଘ ୭ ବର୍ଷ ଧରି ଘରୋଇ ମାଟିରେ ଦିନିକିଆ ସିରିଜ୍ ନହାରିବାର ଯେଉଁ ରେକର୍ଡ ନ୍ୟୁଜିଲ୍ୟାଣ୍ଡ ତିଆରି କରିଥିଲା, ତାହା ଭାଙ୍ଗି ଯାଇଛି।

ଆଜି ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲ୍ୟାଣ୍ଡ। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପୂରା ୫୦ ଓଭର ଖେଳିବାକୁ ସକ୍ଷମ ହୋଇନଥିଲା। ୪୨.୧ ଓଭରରେ ଦଳ ଅଲ୍ ଆଉଟ୍ ହୋଇଯାଇଥିଲା ମାତ୍ର ୨୦୯ ରନ୍ କରି। ତେଣୁ ଭାରତ ଜିତିବାର ସମ୍ଭାବନା ନାହିଁ ବୋଲି ଆକଳନ କରି ନେଇଥିଲେ ଅନେକ କ୍ରିକେଟ ପ୍ରେମୀ। କିନ୍ତୁ ଏହାକୁ ଭୁଲ୍ ପ୍ରମାଣିତ କରିଥିଲେ ଭାରତୀୟ ବୋଲର। ନ୍ୟୁଜିଲ୍ୟାଣ୍ଡ ବୋଲରଙ୍କ ଭଳି ସେମାନେ ମଧ୍ୟ କରିଥିଲେ ସନ୍ତୁଳିତ ବୋଲିଂ। ବାନ୍ଧି ହୋଇ ରହିଯାଇଥିଲେ ନ୍ୟୁଜିଲ୍ୟାଣ୍ଡ ବ୍ୟାଟର। ବଡ଼ ସ୍କର କରିପାରି ନଥିଲେ ସେମାନେ। ତା' ସାଙ୍ଗକୁ ନିୟମିତ ଭାବେ ପଡ଼ି ଚାଲିଥିଲା ୱିକେଟ୍। ଆଉ ଶେଷରେ ବାଜି ମାରିଥିଲା ଭାରତ।

ଭାରତୀୟ ଦଳ ପକ୍ଷରୁ ଆଜି କୌଣସି ବ୍ୟାଟର ଅର୍ଦ୍ଧଶତକ କରିପାରି ନଥିଲେ। ଗତ ମ୍ୟାଚ୍ ଭଳି ଆଜି ଫେଲ୍ ମାରିଥିଲେ ରୋହିତ ଶର୍ମା ଓ ବରାଟ କୋହଲି। ଏହି ଦୁଇ ବରିଷ୍ଠ ବ୍ୟାଟର ଯଥାକ୍ରମେ ୭ ଓ ୫ ରନ୍ କରି



ଆଉଟ୍ ହୋଇଥିଲେ। ଉଭୟଙ୍କ ୱିକେଟ୍ ନେଇଥିଲେ ମାଥ୍ୟୁ ଫିସର। ଉଭୟେ କ୍ୟାଚ୍ ଆଉଟ୍ ହୋଇଥିଲେ।

ରୋହିତ ଶର୍ମାଙ୍କ ସହିତ ଓପନିଂ କରିବାକୁ ଆସିଥିବା ଋତୁରାଜ ଗାଏକ୍ୱାଡ ୧୮ ରନ୍ କରିଥିଲେ। ୨୭ଟି ବଲ୍‌ରୁ ୩ଟି ଚୌକା ସହାୟତାରେ ୧୮ ରନ୍ କରି ସେ ଜାକବ ଡଫୀଙ୍କ ବଲରେ ଟିମ୍ ସେଇଫର୍ଟଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଅଧିନାୟକ ଶ୍ରେୟସ ଆୟର ମଧ୍ୟ ଲମ୍ବା ସମୟ ପାଇଁ କ୍ରିଜ୍‌ରେ ରହିପାରି ନଥିଲେ। ସେ ୨୬ଟି ବଲ୍‌ରୁ ୩ଟି ଚୌକା ସହାୟତାରେ ୨୨ ରନ୍ କରି ବ୍ଲେୟାର ଟିକନରଙ୍କ ବଲରେ ମାଥ୍ୟୁ ଫିସରଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ।

୧୭.୨ ଓଭରରେ ୮୬ ରନ୍‌ରେ ଦଳ ୪ଟି ୱିକେଟ୍ ହରାଇଥିଲା। ସ୍ଥିତି ଏଭଳି ଥିବା ବେଳେ ଆଶା ଦେଖାଇଥିଲେ ଅକ୍ଷର ପଟେଲ ଓ ଈଶାନ କିଷନ। ଉଭୟ କ୍ରିଜ୍‌ରେ ବେଶ୍ କିଛି ସମୟ ତିଷ୍ଠି ରହିଥିଲେ। କିନ୍ତୁ ଉଭୟେ ୪୬ ରନ୍ ଲେଖାଏ କରି ଆଉଟ୍ ହୋଇଯାଇଥିଲେ। ଅକ୍ଷର ପଟେଲ ୫୫ ବଲ୍‌ରୁ ୫ ଚୌକା ସହାୟତରେ ୪୬ ରନ୍ କରି ଆଉଟ୍ ହୋଇଥିଲେ। ୧୨୧ ରନ୍‌ରେ ଦଳ ୫ଟି ୱିକେଟ୍ ହରାଇଥିଲା।

ଏହା ପରେ ନମନ ଧୀରଙ୍କୁ ସାଥୀ କରି ମ୍ୟାଚ୍‌କୁ ଆଗେଇ ନେଇଥିଲେ ଈଶାନ କିଷନ। ଦଳୀୟ ସ୍କର ୧୬୦ରେ ପହଞ୍ଚିଥିବା ବେଳେ ୨୨ ରନ୍ କରି ଆଉଟ୍ ହୋଇଥିଲେ ନମନ। ତା'ପରେ ଲଗାତାର ଦୁଇଟି ୱିକେଟ୍ ହରାଇଥିଲା ଦଳ। ୩୫.୨ ଓଭରରେ ଅକିବ ନବି ଓ ୩୫.୬ ଓଭରରେ ୟଶ ଠାକୁର ଆଉଟ୍ ହୋଇଯାଇଥିଲେ। ଅକିବ ୫ ରନ୍ କରିଥିବା ବେଳେ ୟଶ ୪ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ବି ଖାତା ଖୋଲି ପାରି ନଥିଲେ।ପରବର୍ତ୍ତୀ ୫ ଓଭର ୱିକେଟ୍ ପଡ଼ି ନଥିଲା। ଈଶାନ ଓ ମହମ୍ମଦ ସିରାଜ କ୍ରିଜ୍‌ରେ ଥିଲେ। ୪୦.୩ ଓଭରରେ ଆଉଟ୍ ହୋଇଥିଲେ ଈଶାନ। ୪୨.୧ ଓଭରରେ ଅର୍ଶଦୀପ ସିଂହ ଆଉଟ୍ ହେବା ସହିତ ଭାରତ ଅଲ୍ ଆଉଟ୍ ହୋଇଥିଲା। ୨୦୯ ରନ୍‌ରେ ଅଟକି ଯାଇଥିଲା ଦଳ। ମହମ୍ମଦ ସିରାଜ ୨୦ଟି ବଲ୍‌ରୁ ଗୋଟିଏ ଚୌକା ଓ ଗୋଟିଏ ଛକା ସହାୟତାରେ ୧୪ ରନ୍ କରି ନଟ୍ ଆଉଟ୍ ରହିଥିଲେ। ଅର୍ଶଦୀପ ସିଂହ ୪ଟି ବଲ୍‌ରୁ ୨ଟି ଛକା ସହାୟତାରେ ୧୪ ରନ୍ କରିଥିଲେ।

୨୧୦ ରନ୍‌ର ବିଜୟ ଲକ୍ଷ୍ୟ ଖୁବ୍ କମ୍ ଜଣାପଡୁଥିଲେ ହେଁ ନ୍ୟୁଜିଲ୍ୟାଣ୍ଡର ବ୍ୟାଟରଙ୍କ ଅବସ୍ଥା ମଧ୍ୟ ଭାରତୀୟ ବ୍ୟାଟରଙ୍କ ଭଳି ହୋଇଥିଲା। ଦଳ ଲଗାତାର ୱିକେଟ୍ ହରାଇ ନଥିଲେ ହେଁ ବ୍ୟାଟରମାନେ ଭାରତୀୟ ବୋଲରଙ୍କୁ ଖେଳି ପାରି ନଥିଲେ। ଦଳ ପକ୍ଷରୁ ସର୍ବାଧିକ ରନ୍ କରିଥିଲେ ଡିନ୍ ଫକ୍ସକ୍ରଫ୍ଟ। ସେ ୪୨ଟି ବଲ୍‌ରୁ ୫ ଚୌକା ସହାୟତାରେ ୩୧ ରନ୍ କରିଥିଲେ। ତାଙ୍କୁ ବୋଲ୍ଡ କରିଥିଲେ ୟଶ ଠାକୁର। ନିକ୍ କେଲୀ ଓ ଅଧିନାୟକ ମିଚେଲ ସାଣ୍ଟନର ୨୪ ରନ୍ ଲେଖାଏ କରିଥିଲେ। ନିକ୍ କେଲୀଙ୍କୁ ଅର୍ଶଦୀପ ସିଂହ ବୋଲ୍ଡ କରିଥିବା ବେଳେ ମିଚେଲଙ୍କ ୱିକେଟ ନେଇଥିଲେ ନମନ ଧୀର। ମିଚେଲ କ୍ୟାଚ୍ ଆଉଟ୍ ହୋଇଥିଲେ। ଓପନର ୱିଲ୍ ୟଙ୍ଗ ୨୨ ରନ୍ କରି ଆଉଟ୍ ହୋଇଥିବା ବେଳେ ଟିମ୍ ସେଇଫର୍ଟ ୧୪, ମିଚେଲ ବ୍ରାସ୍‌ୱେଲ ୧୯, କ୍ରିଷ୍ଟିଆନ କ୍ଲାର୍କ ୧୬, ବ୍ଲେୟାର ଟିକନର ୧୪ ଓ ଜାକବ ଡଫୀ ୯ ରନ୍ କରିଥିଲେ। ଫିନ୍ ଆଲେନ୍ ୧ ରନ୍ କରିଥିବା ବେଳେ ମାଥ୍ୟୁ ଫିସର ୩ ରନ୍ କରି ଅପରାଜିତ ରହିଥିଲେ। ୪୮.୧ ଓଭରରେ ୧୮୭ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା ଦଳ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ମହମ୍ମଦ ସିରାଜ ଓ ଅକ୍ଷର ପଟେଲ ୨ଟି ଲେଖାଏ ଏବଂ ଅକିବ ନବି, ୟଶ ଠାକୁର ଏବଂ ନମନ ଧୀର ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ।

ସୂଚନାଯୋଗ୍ୟ, ବର୍ଷା ଯୋଗୁ ଏହି ସିରିଜ୍‌ର ତୃତୀୟ ମ୍ୟାଚ୍ ଖେଳା ଯାଇପାରି ନଥିଲା ବେଳେ ଚତୁର୍ଥ ମ୍ୟାଚ୍‌ରେ ଭାରତକୁ ୨୪୪ ରନ୍‌ରେ ହରାଇଥିଲା ନ୍ୟୁଜିଲ୍ୟାଣ୍ଡ। ଘରୋଇ ଦଳ ୩୩୩ ରନ୍ କରିଥିବା ବେଳେ ଭାରତ ମାତ୍ର ୮୯ ରନ୍ କରିଥିଲା। ରୋହିତ ଶର୍ମା, ବିରାଟ କୋହଲି ଓ ଶ୍ରେୟସ ଆୟର ଏହି ମ୍ୟାଚ୍‌ରେ ଖାତା ଖୋଲିପାରି ନଥିଲେ। ଏହି ମ୍ୟାଚ୍‌ର ହିରୋ ଥିଲେ ମ୍ୟାଟ ହେନରୀ। ସେ ୬ଟି ୱିକେଟ୍ ନେଇଥିଲେ।

୨୦୩୫ ପର୍ଯ୍ୟନ୍ତ ବିଶ୍ୱ କ୍ରିକେଟ କ୍ୟାଲେଣ୍ଡର ଜାରି କଲା ଆଇସିସି

୫ ବର୍ଷରେ ଭାରତରେ ଦୁଇ ବଡ ଟୁର୍ଣ୍ଣାମେଣ୍ଟ



୩ଟି ଦେଶରେ ଖେଳାଯିବ ୨୦୩୦ ଟି-୨୦ ବିଶ୍ୱକପ

୧୨ ବର୍ଷ ପରେ ଅଲିମ୍ପିକ୍ସକୁ ଫେରିବ କ୍ରିକେଟ

୨୦୨୯ ଚାମ୍ପିୟନ ଟ୍ରଫି ଆୟୋଜନ କରିବ ଭାରତ, ୨୦୩୧ ବିଶ୍ୱକପରେ ହେବ ସହଆୟୋଜକ

ନୂଆଦିଲ୍ଲୀ୧୫।୧୧(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ରବିବାର ପୁରୁଷ ବର୍ଗରେ ୨୦୩୫ ପର୍ଯ୍ୟନ୍ତ ବିଶ୍ୱ କ୍ରିକେଟ ଟୁର୍ଣ୍ଣାମେଣ୍ଟ କ୍ୟାଲେଣ୍ଡର ଜାରି କରିଛି। ଏଥିରେ ଭାରତକୁ ଆସନ୍ତା ୫ ବର୍ଷରେ ଦୁଇଟି ବଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜକ କରାଯାଇଛି। ସେହିପରି ୨୦୩୧ ଦିନିକିଆ ବିଶ୍ୱକପକୁ ଭାରତ ଓ ବାଂଲାଦେଶ ଦୁହେଁ ମିଶି ଆୟୋଜନ କରିବେ। ୨୦୨୯ ଚାମ୍ପିୟନ ଟ୍ରଫି ଖେଳାଯିବା ବୋଲି କ୍ୟାଲେଣ୍ଡରେ କୁହାଯାଇଛି। କେବଳ ସେତିକି ନୁହେଁ, ଲସ ଆଞ୍ଜେଲସ ଅଲିମ୍ପିକ ୨୦୨୮ର କ୍ୱାଲିଫାଇଁ ମୁକାବିଲା ପାଇଁ ଆଯୋଜକ ଦେଶ ଓ ଏହାର ତାରିଖ ମଧ୍ୟ ଘୋଷଣା କରିଛି କ୍ରିକେଟ ବୋର୍ଡ।

ଅଲିମ୍ପିକ ପାଇଁ ପୁରୁଷ ବର୍ଗର ଯୋଗ୍ୟତା ପର୍ଯ୍ୟାୟଗୁଡ଼ିକ ୨୦୨୮ ଫେବୃଆରୀ ୫ ରୁ ୧୩ ତାରିଖ ପର୍ଯ୍ୟନ୍ତ ବାଂଲାଦେଶରେ ଅନୁଷ୍ଠିତ ହେବ। ମହିଳା ବର୍ଗର ଟୁର୍ଣ୍ଣାମେଣ୍ଟ ୨୬ ଫେବୃଆରୀରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଆମେରିକାରେ ଖେଳାଯିବ। ଏହି ମ୍ୟାଚ୍ ଗୁଡ଼ିକ ଜରିଆରେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରୁଥିବା ଚୂଡ଼ାନ୍ତ ଟିମ ନିର୍ଣ୍ଣୟ କରାଯିବ।

ଅନ୍ୟପଟେ ଟି-୨୦ ବିଶ୍ୱକପ୍‌ର ଆଗାମୀ ସଂସ୍କରଣଗୁଡ଼ିକ ପାଇଁ ମଧ୍ୟ ଆଇସିସି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିସାରିଛି। ୨୦୨୮ ମସିହାର ଟି-୨୦ ବିଶ୍ୱକପ୍ ଅକ୍ଟୋବର ୧୨ ରୁ ନଭେମ୍ବର ୧୨ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ମିଳିତ ଭାବେ ଖେଳାଯିବ। ଏହାପରେ ୨୦୩୦ ଟି-୨୦ ବିଶ୍ୱକପ୍‌ର ଆୟୋଜନ ଇଂଲଣ୍ଡ, ସ୍କଟଲ୍ୟାଣ୍ଡ ଏବଂ ଆୟର୍ଲ୍ୟାଣ୍ଡ ମିଳିତ ଭାବେ କରିବେ। ତେବେ ୨୦୩୨ ଏବଂ ୨୦୩୪ରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ?ର ଆୟୋଜକ ଦେଶ ଏବଂ ଭେନ୍ୟୁ ସମ୍ପର୍କରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ।

ଏହି ନୂତନ କ୍ୟାଲେଣ୍ଡର ସମ୍ପର୍କରେ ମତ ରଖି ଆଇସିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଉରଡ) ସଞ୍ଜ ?ଗ ଗୁପ୍ତା କହିଛନ୍ତି ଯେ, ଏହି ଟୁର୍ଣ୍ଣାମେଣ୍ଟଗୁଡ଼ିକ ବିଶ୍ୱ କ୍ରିକେଟ୍ ଢାଞ୍ଚାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହା ଖେଳକୁ ଅଧିକ ପ୍ରତିଯୋଗିତାମୂଳକ କରିବା ସହ ଏକ ନୂଆ ଦିଗଦର୍ଶନ ଦେବ। ଖେଳାଳି ଏବଂ ସଦସ୍ୟ ଦେଶଗୁଡ଼ିକୁ ବହୁତ ଆଗରୁ ଏ ସମ୍ପର୍କରେ ସୂଚନା ମିଳିବା ଦ୍ୱାରା ଭବିଷ୍ୟତ ପାଇଁ ଉନ୍ନତ ଯୋଜନା, ଉଚ୍ଚ-ପ୍ରଦର୍ଶନ କାର୍ଯ୍ୟକ୍ରମ ଏବଂ ଏକ ସୁବ୍ୟବସ୍ଥିତ କ୍ରିକେଟ୍ କ୍ୟାଲେଣ୍ଡର ପ୍ରସ୍ତୁତ କରିବାରେ ବେଶ୍ ସହାୟକ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି।୨୦୨୯ ଓ ୨୦୩୧ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍ସ ପାଇଁ ଇଂଲଣ୍ଡକୁ ଆୟୋଜନ ଅଧିକାର ଦିଆଯାଇଛି। ଆଇସିସିର ଘୋଷଣା ଅନୁସାରେ ୨୦୨୯ ଫାଇନାଲ୍ ଜୁନ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ସେହିପରି ୨୦୩୧ ଫାଇନାଲ୍ ୧୨ ରୁ ୧୬ ଜୁନ୍ ପର୍ଯ୍ୟନ୍ତ ଖେଳାଯିବ। ୨୦୩୩ ଏବଂ ୨୦୩୫ ଫାଇନାଲ୍ସ ମୁକାବିଲା ପାଇଁ ତାରିଖ ବୃତ୍ତାନ୍ତ ହୋଇଥିଲେ ବି ଆୟୋଜକ ଦେଶମାନଙ୍କର ନାଁ ଘୋଷଣା କରାଯାଇ ନାହିଁ। ଉଭୟ ଫାଇନାଲ୍ ଜୁନ୍ ମାସରେ ଅନୁଷ୍ଠିତ ହେବ। ପରବର୍ତ୍ତି ସମୟରେ ଆଇସିସି ଏହାର ଆୟୋଜକଙ୍କ ନାଁ ଘୋଷଣା କରିପାରେ। ସୂଚନା ଥାଉକି, ଡଞ୍ଚରେ ଦଳଗୁଡ଼ିକ ପ୍ରତି ଦୁଇ ବର୍ଷରେ ଥରେ ଭିନ୍ନ ଭିନ୍ନ ଦେଶ ବିରୁଦ୍ଧରେ ଟେଷ୍ଟ ସିରିଜ୍ ଖେଳନ୍ତି। ପଏଣ୍ଟ ଟେବୁଲର ଶୀର୍ଷ ଦୁଇଟି ଦଳ ଫାଇନାଲକୁ ଉନ୍ନୀତ ହୁଅନ୍ତି।୨୦୩୦ ଟି-୨୦ ବିଶ୍ୱକପ ଇଂଲଣ୍ଡ, ଆୟରଲାଣ୍ଡ ଓ ସ୍କଟଲାଣ୍ଡରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଜୁଲାଇ ୪ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୪ ପର୍ଯ୍ୟନ୍ତ ଚାଲିବ। ୨୦୩୨ ଏବଂ ୨୦୩୪ରେ ଟି-୨୦ ବିଶ୍ୱକପ୍ ହେବ। ୨୦୩୨ ସଂସ୍କରଣ ୧୪ ଅକ୍ଟୋବରରୁ ୧୪ ନଭେମ୍ବର ପର୍ଯ୍ୟନ୍ତ ଏବଂ ୨୦୩୪ ଟୁର୍ଣ୍ଣାମେଣ୍ଟ ୬ ଜୁଲାଇରୁ ୬ ଅଗଷ୍ଟ ପର୍ଯ୍ୟନ୍ତ ଖେଳାଯିବ। ଏହିଭଳ ୨୦୩୩ରେ ଚାମ୍ପିଅନ୍ସ ଟ୍ରଫି ଏବଂ ୨୦୩୫ରେ ଦିନିକିଆ ବିଶ୍ୱକପ୍ ଆୟୋଜନ କରାଯିବ।

ଆଇସିସିର ଏହି ନୂଆ ଘୋଷଣାରେ ସବୁଠାରୁ ବଡ଼ କଥା ହେଉଛି ୧୨୮ ବର୍ଷ ପରେ କ୍ରିକେଟ୍ ପୁଣିଥରେ ଅଲିମ୍ପିକ୍ସକୁ ଫେରିବାକୁ ଯାଉଛି। ଏହାପୂର୍ବରୁ ୧୯୦୦ ପ୍ୟାରିସ୍ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଥିଲା। ସେତେବେଳେ ଗ୍ରେଟ୍ ବ୍ରିଟେନ୍ ଏବଂ ଫ୍ରାନ୍ସ ମଧ୍ୟରେ ମାତ୍ର ଗୋଟିଏ ବର୍ଗରେ ମ୍ୟାଚ୍ ଖେଳାଯାଇଥିଲା। ହେଲେ ଏବେ ଲସ୍ ଆଞ୍ଜେଲସ୍‌ରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ସରେ ଉଭୟ ପୁରୁଷ ଏବଂ ମହିଳା ବର୍ଗରେ ଟି-୨୦ କ୍ରିକେଟ୍ ଖେଳାଯିବ।

ଉଭୟ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିବେ। ସେମାନଙ୍କୁ ୪ଟି ଦଳ ବିଶିଷ୍ଟ ଦୁଇଟି ଗ୍ରୁପ୍ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଦଳ ନିଜ ଗ୍ରୁପ୍ର ଅନ୍ୟ ୩ ଦଳ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବ। ଏହିପରି, ଗ୍ରୁପ୍ ପର୍ଯ୍ୟାୟରେ ମୋଟ ୧୨ଟି ମ୍ୟାଚ୍ ହେବ। ଉଭୟ ଗ୍ରୁପ୍ର ଶ୍ରେଷ୍ଠ ଦଳଗୁଡ଼ିକ ଫାଇନାଲ୍‌କୁ ଯିବେ।

ଇତିହାସ ରଚିଲେ ଲକ୍ଷ୍ୟ ସେନ

'ଜାପାନ ମାଷ୍ଟର୍ସ' ହାତେଇବାରେ ପ୍ରଥମ ଭାରତୀୟ ବ୍ୟାଡମିଣ୍ଟନ ତାରକା

ଟୋକିଓ,୧୫।୧୧(ଏଜେନ୍ସି): ଭାରତୀୟ ବ୍ୟାଡମିଣ୍ଟନ୍ ତାରକା ଲକ୍ଷ୍ୟ ସେନ୍ ଇତିହାସ ରଚିଛନ୍ତି । ଜାପାନରେ ଖେଳାଯାଉଥିବା ଟୁର୍ଣ୍ଣାମେଣ୍ଟରେ ସେ ଜାପାନ କୋକି ୱାଟାନାବେଙ୍କ ହରାଇ ପୁରୁଷ ଏକକର 'ଜାପାନ ମାଷ୍ଟର୍ସ' ଟାଇଟଲ୍ ହାସଲ କରିଛନ୍ତି । ଏହି ସଫଳତା ହାସଲ କରିବାରେ ସେ ପ୍ରଥମ ଭାରତୀୟ ହୋଇପାରିଛନ୍ତି । ଲକ୍ଷ୍ୟ ସେନ୍ 'କୁମାମୋଟୋ ମାଷ୍ଟର୍ସ ଜାପାନ ସୁପର ୫୦୦' ଟୁର୍ଣ୍ଣାମେଣ୍ଟରେ ପୁରୁଷ ସିଙ୍ଗଲ୍ସ ଟାଇଟଲ୍ ଜିତି ଇତିହାସ ସୃଷ୍ଟି କରିଛନ୍ତି। ପ୍ରଥମ ଗେମ୍‌ରେ ପରାଜିତ ହେବା ପରେ, ସେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ । ଜାପାନର ପ୍ରମୁଖ ଖେଳାଳି କୋକି ୱାଟାନାବେଙ୍କୁ ୧୩-୨୧, ୨୧-୧୮, ୨୧-୧୪ ସ୍କରରେ ପରାସ୍ତ କରିଥିଲେ । ବର୍ତ୍ତମାନ ବିଶ୍ୱ ମାନ୍ୟତାରେ ୧୩ତମ ସ୍ଥାନରେ ଥିବା ଏବଂ ନିକଟରେ 'ହାଇଲୋ ଓପନ୍' ଜିତିଥିବା ଲକ୍ଷ୍ୟ ସେନ୍, ଏହି ବିଜୟ ସହ ୯,୨୦୦ ଗୁରୁତ୍ୱପୂର୍ଣ୍ଣ ରାଙ୍କିଂ ପଏଣ୍ଟ ହାସଲ କରିଛନ୍ତି । ଏହା ତାଙ୍କୁ ୧୨ତମ ସ୍ଥାନରୁ ଉନ୍ନୀତ ହୋଇ ଶ୍ରେଷ୍ଠ ଆଠଜଣଙ୍କ ମଧ୍ୟରେ ସ୍ଥାନ ପାଇବାରେ ସାହାଯ୍ୟ କରିବ । ଏହି ଟ୍ରଫି ବିଜୟ ସହ ହାଙ୍ଗଝୌରେ ହେବାକୁ ଥିବା ଚଳିତ ବର୍ଷର ଶେଷ ବିଡବ୍ଲ୍ୟୁଏଫ୍ ପ୍ରତିଯୋଗିତା ବିଶ୍ୱ ଟୁର୍ ଫାଇନାଲ୍ସକୁ ଯୋଗ୍ୟତା ଅର୍ଜନ କରିବାର ତାଙ୍କ ସମ୍ଭାବନା ବୃଦ୍ଧି ପାଇବ।



ଚଳିତ ମାସରେ ପୁଣି ଭାରତ-ପାକିସ୍ତାନ ମହାମୁକାବିଲା

ନୂଆଦିଲ୍ଲୀ,୧୫।୧୧; ଅଣ୍ଡର-୧୯ ଏସିଆ କପ୍ ଫାଇନାଲରେ ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ ହେବା ପରେ ଏବେ ପୁଣି ଦୁଇ ଦେଶ ମଧ୍ୟରେ କ୍ରିକେଟ୍ ଲଢେଇ ଦେଖିବାକୁ ମିଳିବ। ନଭେମ୍ବର ମାସରେ ହେବାକୁ ଥିବା ଏସିଆ କପ୍ ରାଇଜିଂ ଷ୍ଟାର୍ସ ୨୦୨୬ରେ ଭାରତ-ପାକିସ୍ତାନ ମୁହାଁମୁହିଁ ହେବେ। ଏହି ମ୍ୟାଚ୍‌ରେ ଭାରତୀୟ ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ସମସ୍ତଙ୍କ ନଜର ରହିବ। ତିଲକ ବର୍ମାଙ୍କ ନେତୃତ୍ୱରେ ଇଣ୍ଡିଆ-ଏ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବ।ଏସିଆ କପ୍ ରାଇଜିଂ ଷ୍ଟାର୍ସ ୨୦୨୬ ନଭେମ୍ବର ୧୯ରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଭାରତ ନିଜର ପ୍ରଥମ ମ୍ୟାଚ୍ ନଭେମ୍ବର ୨୦ରେ ନେପାଳ ବିପକ୍ଷରେ ଖେଳିବ। ଏହାପରେ ନଭେମ୍ବର ୨୨ ରବିବାର ଦିନ ପାକିସ୍ତାନ-ଏ ସହ ଭାରତ-ଏର ମୁକାବିଲା ହେବ।

ଏହି ମ୍ୟାଚ୍‌ରେ ଭାରତୀୟ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରଦର୍ଶନ ଉପରେ ବିଶେଷ ନଜର ରହିବ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଘୋଷିତ ଭାରତ-ଏ ଦଳରେ ବୈଭବଙ୍କ ସହ ଅଭିଷେକ ଶର୍ମା ଓ ରିଙ୍କୁ ସିଂହଙ୍କ ଭଳି ଅଭିଜ୍ଞ ଖେଳାଳି ମଧ୍ୟ ସାମିଲ ହୋଇଛନ୍ତି। ଏହାପୂର୍ବରୁ ଏସିଆନ୍ ଗେମ୍ସ ଫାଇନାଲରେ ବୈଭବ ପାକିସ୍ତାନ ବିପକ୍ଷରେ ଖେଳିଥିଲେ। ସେହି ମ୍ୟାଚ୍‌ରେ ଭାରତ ୧୯ ରନ୍‌ରେ ବିଜୟୀ ହୋଇଥିଲା। କିନ୍ତୁ ବୈଭବ ବ୍ୟାଟିଂରେ ବଡ଼ ସ୍କର କରିପାରିନଥିଲେ। ଏଥର ପାକିସ୍ତାନ ବିପକ୍ଷରେ ନିଜ ବ୍ୟାଟିଂର ଜଲୱା ଦେଖାଇବାକୁ ତାଙ୍କ ପାଖରେ ଭଲ ସୁଯୋଗ ରହିଛି।ଏସିଆ କପ୍ ରାଇଜିଂ ଷ୍ଟାର୍ସ ପାଇଁ ବିସିସିଆଇ ୧୫ ଜଣିଆ ଭାରତ-ଏ ଦଳ ଘୋଷଣା କରିଛି। ତିଲକ ବର୍ମାଙ୍କୁ ଦଳର ଅଧିନାୟକ ଦାୟିତ୍ୱ ମିଳିଥିବା ବେଳେ ରଜତ ପାଟିଦାର ଉପଅଧିନାୟକ ରହିଛନ୍ତି।

ଭାରତ-ଏ ଦଳ-ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ପ୍ରଭସିମରନ ସିଂହ, ତିଲକ ବର୍ମା (ଅଧିନାୟକ), ରଜତ ପାଟିଦାର (ଉପଅଧିନାୟକ), ରିଙ୍କୁ ସିଂହ, କୁମାର କୁଶାଗ୍ର, ସୂର୍ଯ୍ୟାଂଶ ସେଡ୍‌ଗେ, ଶାହବାଜ ଅହମ୍ମଦ, ବିପ୍ରଜ ନିଗମ, ହର୍ଷ ଦୁବେ, ତନୁଷ କୋଟିଆନ୍, ହର୍ଷିତ ରାଣା, ପ୍